ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.241 Bhubaneswar Saturday, November 13, 2021 | ୨୪ତମ ବର୍ଷ ସଂଖ୍ୟା–୨୪୧ ଭୁବନେଶ୍ୱର, ଶନିବାର, ନଭେମ୍ବର ୧୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ସନସାଇନ୍ ସ୍କୁଲରେ ଯୌନ ନିର୍ଯାତନା: କଳାହାଣ୍ଡି ଏସପିଙ୍କୁ ରିପୋର୍ଟ ତଲବ କଲେ ଏନସିପିସିଆର

ଭୁବନେଶ୍ୱର,୧୨।୧୧(ପି.ଏନ) : ଶିକ୍ଷୟିତ୍ରୀ ମମିତା ମେହେର ବୀଭତ୍ସ ହତ୍ୟା ଓ ସେକ୍ସ ସ୍କାଣ୍ଡାଲ ମାମଲାରେ ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନ(ଏନସିପିସିଆର) କଡା ଆଭିମୁଖ୍ୟ ପୋଷଣ କରିଛନ୍ତି। ମହାଲିଙ୍ଗସ୍ଥିତ ସନସାଇନ୍ ପବ୍ଲିକ ସ୍କୁଲରେ ଝିଅମାନଙ୍କୁ ଯୌନ ନିର୍ଯାତନା ମାମଲାରେ ବିସ୍ତୃତ ତଥ୍ୟ ୩ଦିନ ସୁଦ୍ଧା ଦାଖଲ କରିବାକୁ କଳାହାଣ୍ଡି ପୁଲିସ ଏସପିଙ୍କୁ ନିର୍ଦ୍ଦେଶ। ଦେଇଛନ୍ତି। ଏନସିପିସିଆର ନିଜଆଡୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ବଲାଙ୍ଗିର ପୁଲିସ ଏସପିଙ୍କୁ ଏନସିପିସିଆର ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେବା ସହ ବ୍ୟକ୍ତିଗତ ହାଜର ହେବାକୁ କହିଥିଲେ। କିନ୍ତୁ ମାମଲା କଳାହାଣ୍ଡିର ହୋଇଥିବା ଦର୍ଶାଇ ବଲାଙ୍ଗିର ପୁଲିସ ଏସପି ପ୍ରାଥମିକ ରିପୋର୍ଟ ପ୍ରଦାନ କରିବାରେ ଅକ୍ଷମତା ପ୍ରକାଶ କରିଥିଲେ । ବଲାଙ୍ଗିର ପୁଲିସ ଏସପିଙ୍କଠୁ ଏଭଳି ଜବାବ ପାଇବା ପରେ ଏନସିପିସିଆର ଗତ ୧୦ତାରିଖରେ କଳାହାଣ୍ଡି ପୁଲିସ ଏସପିଙ୍କୁ ରିପୋର୍ଟ ତଲବ କରିଛନ୍ତି ।ମିଳିଥିବା ସୂଚନା ଅନୁସାରେ, ଏନସିପିସିଆର ରେଜିଷ୍ଟ୍ରାର ଅନୁ ଚୌଧୁରୀ ବୁଧବାର କଳାହାଣ୍ଡି ଜିଲ୍ଲା ପୁଲିସ ଏସପିଙ୍କୁ ନୋଟିସ ଜାରି କରି ମହାଲିଙ୍ଗସ୍ଥିତ ସନସାଇନ୍ ପବ୍ଲିକ ସ୍କୁଲରେ ପିଲାମାନଙ୍କୁ ନିର୍ଯାତନା ଦିଆଯିବା ଓ ସ୍କୁଲର ମାଲିକ ଗୋବିନ୍ଦ ସାହୁ ଦ୍ୱାରା ଛୋଟ ଝିଅମାନଙ୍କୁ ଏକ ସ୍ୱତନ୍ତ୍ର ରୁମରେ ଯୌନ ଗତିବିଧିରେ ନିୟୋଜିତ କରାଯାଉଥିବା ଏବଂ ବିଜେଡି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସେହି ସ୍କୁଲକୁ ବାରମ୍ବାର ଗସ୍ତ କରୁଥିବା ନେଇ ଅଭିଯୋଗ କମିଶନଙ୍କ ନଜରକୁ ଆସିଛି। ତେଣୁ ଉପରୋକ୍ତ ପ୍ରସଙ୍ଗକୁ ବିଚାରକୁ ନେଇ କମିଶନ ପୋକସୋ ଆକ୍ଟ–୨୦୧୨ ଅନ୍ତର୍ଗତ ଏହାର ତଦନ୍ତ କରିବା ନିମନ୍ତେ କଳାହାଣ୍ଡି ପୁଲିସ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ବିସ୍ତୃତ ତଦନ୍ତ ରିପୋର୍ଟ ୩ଦିନ ସୁଦ୍ଧା ପଠାଇବାକୁ ପରାମର୍ଶ ଦେବା ସହ ତଦନ୍ତ ପ୍ରକ୍ରିୟାରେ ପୀଡିତାଙ୍କ ନାଁ ଯେଭଳି ସାର୍ବଜନୀନ ନହୁଏ ତାହା ସୁନିଶ୍ଚିତ କରିବାକୁ ମଧ୍ୟ କହିଛନ୍ତି ।କଳାହାଣ୍ଡି ପୁଲିସ ଏସପିଙ୍କୁ ପୀଡିତା ନାବଳିକାମାନଙ୍କ ଏଫଆଇଆର ରିପୋର୍ଟ, ସିଆରପିସିର ୧୬୪ ଧାରାରେ ପୀଡିତାଙ୍କ ବୟନା ରେକର୍ଡ, ଏହି ମାମଲାରେ ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶ, ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ସ୍କୁଲରେ ମୋଟ ପ?ୁଥିବା ପୁଅ ଓ ଝିଅଙ୍କ ସଂଖ୍ୟା, ଯୌନ ନିର୍ଯାତନାର ଶିକାର ହେଉଥିବା ପୁଅ ଓ ଝିଅଙ୍କ ବୟସସୀମା ସମେତ ପୋକସୋ ଆକ୍ଟର ଧାରା ୧୯/୨୧ରେ ମାମଲା ରୁଜୁ ହୋଇଛି କି ନାହିଁ ସେ ସମ୍ପର୍କରେ ତଥ୍ୟ ଦେବାକୁ ମଧ୍ୟ ଏନସିପିସିଆର ନିର୍ଦ୍ଦେଶ ଦେଇଛନ୍ତି ।ସୂଚନାଯୋଗ୍ୟ, ଶିକ୍ଷୟିତ୍ରୀ ମମିତା ମେହେରକୁ ବୀଭତ୍ସ ହତ୍ୟା ପରେ ଗୋବିନ୍ଦ ସାହୁର ମାଲିକାନାରେ ଥିବା ସ୍କୁଲ ଓ ହଷ୍ଟେଲ ପରିସରରେ ସେକ୍ସ ସ୍କାଣ୍ଡାଲର ଅଭିଯୋଗ ପଦାକୁ ଆସିଥିଲା । ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ନିଜଆଡୁ ତଦନ୍ତ ପାଇଁ ଗ୍ରହଣ କରିଥିଲେ । କମିଶନ ଏହି ମାମଲାରେ ପ୍ରଥମେ ବଲାଙ୍ଗିର ପୁଲିସ ଏସପିଙ୍କୁ ବ୍ୟକ୍ତିଗତ ହାଜର ହୋଇ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏହା କଳାହାଣ୍ଡି ଜିଲ୍ଲାର ମାମଲା କହି ବଲାଙ୍ଗିର ଏସପି ନିଜ ଦୋଷ ଖସାଇ ଦେଇଛନ୍ତି । ଯଦିଓ ମମିତା ମେହେର ହତ୍ୟା ମାମଲା ପ୍ରଥମେ ବଲାଙ୍ଗିର ଜିଲ୍ଲାରେ ପଞ୍ଜିକୃତ ହୋଇଛି ଓ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁକୁ ବଲାଙ୍ଗିର ପୁଲିସ ଗିରଫ କରିଥିଲା । ଏନସିପିସିଆର ଏହି ଘଟଣାକୁ ନେଇ ବେଶ୍ କଠୋର ଥିବାରୁ ପୁଲିସ ନିଜ ଦୋଷ ଛଡାଇବା ପାଇଁ ଏବେ ମମିତା ମାମଲା ଓ ସ୍କୁଲରେ ଯୌନ ନିର୍ଯାତନା ମାମଲାକୁ ଭିନ୍ନ ଭିନ୍ନ ଦର୍ଶାଇବାକୁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡିଛି ।



## ସୁରେଶ ଚନ୍ଦ୍ର ଦଳାଇ ହେଲେ ଉତରାଂଚଳ ଆରଡିସି

ଭୁବନେଶ୍ୱର, ୧୨।୧୧(ପି.ଏନ): ଆଇଏଏସ୍ ଅଧିକାରୀ ଡ. ସୁରେଶ ଚନ୍ଦ୍ର ଦଳାଇ ଉତରାଂଚଳ ଆରଡିସି ଭାବେ ନିଯୁକ୍ତି ପାଇଛନ୍ତି। ବର୍ତମାନ ସେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ତଥା କମିଶନର ଅଛନ୍ତି। ତାଙ୍କ ସ୍ଥାନରେ ରଂଜନ କୁମାର ଦାଶଙ୍କୁ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ମିଳିଛି। ଶ୍ରୀ ଦାଶ ସମ୍ପୃକ୍ତ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱରେ ଥିଲେ। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି।

## ୨ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୨।୧୧(ପି.ଏନ): ଥାଇଲାଣ୍ଡ ଉପକୂଳରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପରେ ଦକ୍ଷିଣ ଆଣ୍ଡାମାନ ସାଗର ଆଡ଼କୁ ଗତି କରିବ। ଏହା ପ୍ରଭାବରେ ଆସନ୍ତାକାଲି ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ୧୫ ତାରିଖ ବେଳକୁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ତତ୍ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଅଂଚଳରେ ଏହା ଅବପାତର ରୂପ ନେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୧୬ ଓ ୧୭ ତାରିଖରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଉଛି ବୋଲି ଭୁବେନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ୯ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, ପୁରୀ, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର ଓ କେନ୍ଦ୍ରପଡା ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ବି ଜାରି କରାଯାଇଛି ।ସେହିପରି ନଭେମ୍ବର ୧୩ରୁ ୧୪ ତାରିଖ ମଧ୍ୟରେ ଗଞ୍ଜାମ, ଗଜପତି, ରାୟଗଡ଼ା ଓ କନ୍ଧମାଳ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକୁ ବି ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଓଡିଶାରେ ୪ କୋଟି ଟପିଲା ଟିକାକରଣ

ଭୁବନେଶ୍ୱର, ୧୨।୧୧ (ପି.ଏନ): କରୋନା ଟିକାକରଣରେ ଆଉ ଏକ ମାଇଲଖୁଂଟ ଅତିକ୍ରମ କରିଛି ଓଡ଼ିଶା। ଓଡ଼ିଶାରେ କରୋନା ଟିକାକରଣ ୪କୋଟି ଟପିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏନେଇ ଟୁଇଟ କରି ସ୍ୱାସ୍ଥ୍ୟକର୍ମୀ ଓ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଟୁଇଟ୍ କରି ଖୁସି ବ୍ୟକ୍ତ କରିଛନ୍ତି।

# ଗୋଟିଏ ଦିନରେ ୨୬୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୨।୧୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୬୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୪୯୬୨କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୬୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୩ ହଜାର ୬୫୨ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୮୮୪ ରହିଛି । ଆଜି ଚିହ୍ନଟ ହୋଇଥିବା ୨୬୩ ଜଣଙ୍କ ମଧ୍ୟରୁ ୧୫୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୧୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୨୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀରରୁ ୨ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୨୧ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରେ ୯ ଜଣ ଓ ଗଂଜାମ ଜିଲ୍ଲାରେ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨ ଜଣ, ଯାଜପୁରରୁ ୧୦ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କେନ୍ଦ୍ରାପଡ଼ାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୧୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ନାହାନ୍ତି । ମୟୂରଭଞ୍ଜରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଓ ନୂଆପଡାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୭ ଜଣ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ନାହାନ୍ତି । ସମ୍ବଲପୁରରୁ ୬ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ନାହାନ୍ତି । ସୁନ୍ଦରଗଡ଼ରୁ ୯ ଜଣ ଓ ଷ୍ଟେଟ୍ ପୁଲରୁ ୩୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ଭୁବନେଶ୍ୱରରେ ଶାନ୍ତିପୂର୍ଣ୍ଣ ଭାବରେ କଂଗ୍ରେସର ବନ୍ଦ ପାଳନ

ଭୁବନେଶ୍ୱର,୧୨।୧୧(ପି.ଏନ): ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ପ୍ରସଙ୍ଗରେ ରାଜ୍ୟ କଂଗ୍ରେସ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତି କ୍ରମେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଏବଂ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରନ ପଟ୍ଟନାୟକଙ୍କ ଆହ୍ୱାନରେ ରାଜ୍ୟରେ ଦିଆଯାଇଥିବା ୬ ଘଂଟା ଓଡ଼ିଶା ବନ୍ଦ ଧର୍ମଘଟ ସଂପୂର୍ଣ୍ଣ ସଫଳ ହୋଇଛି। ଗତକାଲି ମାନ୍ୟବର ହାଇକୋର୍ଟଙ୍କ ନିଷ୍ପତିକୁ ସମ୍ମାନ ଜଣାଇ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ମାନେ ସାରା ରାଜ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ଧର୍ମଘଟ କରିଥିଲେ। ମା’ ଭଉଣୀଙ୍କୁ ସମ୍ମାନ ଦେବାକୁ ଯାଇ ସାଧାରଣ ଜନତା ଯେଭଳି ଆଜିର ଧର୍ମଘଟକୁ ସ୍ୱତଃପ୍ରବୃତ ଭାବେ ସମର୍ଥନ କଲେ ସେଥିପାଇଁ ସେମାନଙ୍କୁ ଏବଂ ୩୩ ଗୋଟି ସାଂଗଠନିକ ଜିଲ୍ଲାର କଂଗ୍ରେସ ନେତୃବୃନ୍ଦ ଓ ସମସ୍ତ ଛାମୁଆ ସଂଗଠନକୁ କୃତଜ୍ଞତା ଜଣାଇଛନ୍ତି ପିସିସି ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ। ହି ଅବସରରେ ପିସିସି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ, ରାଜ୍ୟ ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ପକ୍ଷରୁ ରାଜଧାନୀରେ ଧର୍ମଘଟ ବା ହରତାଳ ବିଭିନ୍ନ ସ୍ଥାନରେ କରାଯାଇଥିଲା। ଏଥିରେ ଯୋଗଦେଇଥିବା ନେତୃବୃନ୍ଦ ରାଜ୍ୟ ସରକାରଙ୍କ ଏକଛତ୍ରବାଦୀ ଶାସନର ଦୃଢ଼ ନିନ୍ଦା କରିଥିଲେ। ସେମାନେ କହିଥିଲେ ମା’କୁ ସମ୍ମାନ ଢ଼ୋଲ ପିଟୁଥିବା ରାଜ୍ୟ ସରକାର କିପରି ମମିତାଙ୍କ ହତ୍ୟା ସହିତ ସଂପୃକ୍ତ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ଘଂଟ ଘୋଡ଼ାଉଛନ୍ତି ତାହା ସାଧାରଣ ଜନତା ଆଜିର ଧର୍ମଘଟକୁ ସମର୍ଥନ କରି ରାଜ୍ୟ ସରକାରଙ୍କର ଦୋମୁହାଁ ନୀତିକୁ ପଦାକୁ ଆଣିଛନ୍ତି। ଯେପର୍ଯ୍ୟନ୍ତ ମମିତାକୁ ନ୍ୟାୟ ନମିଳିଛି ଏବଂ ଅଭିଯୁକ୍ତ ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ବହିଷ୍କାର କରିନାହାନ୍ତି ଓ ମୁଖ୍ୟମନ୍ତ୍ରୀ ନିଜେ ଇସ୍ତଫା ଦେଇନାହାନ୍ତି ସେ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି କହିଥିଲେ। ଏହି ଅବସରରେ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜଙ୍କ ନେତୃତ୍ୱରେ ଶହ ଶହ ଛାତ୍ର କଂଗ୍ରେସ ନେତା ଶୋଭାଯାତ୍ରାରେ ସହର ପରିକ୍ରମା କରି ସାଧାରଣ ଲୋକଙ୍କୁ ଧର୍ମଘଟ ସଂପର୍କରେ ସଚେତନ କରାଇ ଚକଲେଟ ବାଂଟିଥିଲେ। ପ୍ରବଳ ବର୍ଷାରେ ମଧ୍ୟ ଶ୍ରୀ ନୱାଜଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସର କର୍ମକର୍ତାମାନେ ସଚିବାଳୟ ଆଡକୁ ଅଗ୍ରସର ହେଉଥିଲା ବେଳେ ଅପର ପିଏମଜିରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଆଜିର ଏହି ଧର୍ମଘଟରେ ସର୍ବଶ୍ରୀ ପିସିସି କାର୍ଯ୍ୟକାରୀ ସଭାପତି ଚିରିବ ବିଶ୍ୱାଳ, ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ସଂନ୍ତୋଷ ସିଂ ସାଲୁଜା, ଏଆଇସିସି ସଂପାଦକ ଶରତ ରାଉତ, ପିସିସି ଉପସଭାପତି ଶିବାନନ୍ଦ ରାୟ, ଦେବାଶିଷ ପଟ୍ଟନାୟକ, କିଶୋର ଜେନା, ଜାନକୀ ବଲ୍ଲଭ ପଟ୍ଟନାୟକ, ରଶ୍ମି ମହାପାତ୍ର, ସୁବ୍ରତ ମହାପାତ୍ର, ରଜନୀ ମହାନ୍ତି, ଅମୀୟ ପାଣ୍ଡବ ମିହିର ଆଚାର୍ଯ୍ୟ ପ୍ରମୁଖ ବହୁ ଛାତ୍ର, ମହିଳା, ଯୁବ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ।

# କଳାହାଣ୍ଡିରେ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ସାରିବାକୁ ଉଠାଜଳସେଚନ ନିଗମ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୧୧(ପି.ଏନ): ଓଡିଶା ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ ତାଙ୍କର ୨ ଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତ ପରିପ୍ରେକ୍ଷୀରେ ଗୁରୁବାର ଭବାନୀପାଟଣା ଓ.ଏଲ୍.ଆଇ.ସି ଡିଭିଜନରେ କାର୍ଯ୍ୟକାରୀ ହେଉଥିବା ଉଠା ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଓ ସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ । ଭବାନୀପାଟଣା ସଦର ମହକୁମାଠାରେ ଏ ସଂପର୍କିତ ଏକ ବୈଠକରେ ଯୋଗଦେଇ ଓ.ଏଲ୍.ଆଇ.ସି ଅଧ୍ୟକ୍ଷ ଶ୍ରୀ ପତ୍ରୀ କହିଲେ ଯେ ୫ଟି ଆଧାରରେ ସ୍ୱଚ୍ଛତା ଓ ସାଧୁତା ଅବଲମ୍ବନ ପୂର୍ବକ କାର୍ଯ୍ୟକରି ନିର୍ମାଣାଧିନ ସମସ୍ତ ଉଠାଜଳସେଚନ ପ୍ରକଳ୍ପକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶୀଘ୍ର ସଂପୂର୍ଣ୍ଣ କରିବା, ମରାମତି ଆବଶ୍ୟକ କରୁଥିବା ପ୍ରକଳ୍ପର ସମୀକ୍ଷା କରି ସେସବୁକୁ ପୁନଃ ସଚଳ କରିବା ପାଇଁ ଆବଶ୍ୟକତା ଅନୁସାରେ ତ୍ୱରିତ ପଦକ୍ଷେପ ନେବାକୁ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ଅଧ୍ୟକ୍ଷ ଶ୍ରୀ ପତ୍ରୀ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ସହିତ କେତେକ କ୍ଷେତ୍ରରେ ସଠିକ୍ କାର୍ଯ୍ୟ ସମ୍ପାଦନ ନିମନ୍ତେ ତାଗିଦ୍ କରିଥିଲେ । ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ନର୍ଲା ବିଧାୟକଙ୍କ ପ୍ରତିନିଧି ସୁଧୀର ମହାନ୍ତି, ଧର୍ମଗଡ ବିଧାୟକଙ୍କ ପ୍ରତିନିଧି ରତ୍ନରାଜ ମାଝି, ଭବାନୀପାଟଣା ବିଧାୟକଙ୍କ ପ୍ରତିନିଧି ମନୋଜ କୁମାର ସାହୁ,ଭବାନୀପାଟଣା ସଦର ବ୍ଲକ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ମହାକୁଡ, ଅଧିକ୍ଷଣ ଯନ୍ତ୍ରୀ ,ଏଲ୍.ଆଇ. ଇଂ. ଦିଲ୍ଲୀପ କୁମାର ଦାଶ, ନିର୍ବାହୀ ଯନ୍ତ୍ରୀ, ଉଠା ଜଳ ସେଚନ ଡିଭିଜନ ,ଭବାନୀପାଟଣା ଇଂ ସନ୍ତୋଷ କୁମାର ନାୟକ, ଧର୍ମଗଡ ସବ୍ ଡିଭିଜନର ସହକାରୀ ଯନ୍ତ୍ରୀ ଦିଗମ୍ବର ପାତ୍ର, ଏମ୍, ରାମପୁର ସହକାରୀ ଯନ୍ତ୍ରୀ ସେଲାଇ ନାଏକ, ଧର୍ମଗଡ ସହକାରୀ ଯନ୍ତ୍ରୀ (ବିଦ୍ୟୁତ୍) ଚୈତନ୍ୟ ବାସ୍କେଙ୍କ ସମେତ ଉଠାଜଳସେଚନ ଡିଭିଜନ ଏବଂ ସଂପୃକ୍ତ ସବ୍‌ଡିଭିଜନ ଅନ୍ତର୍ଗତ କନିଷ୍ଠଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ବୈଠକରେ ଲାଞ୍ଜିଗଡ ବିଧାୟକ ଦିଶାରୀ ଓ ଅନ୍ୟ ବିଧାୟକଙ୍କ ପ୍ରତିନିଧିମାନେ ନିଜ ନିର୍ବାଚନ ମଣ୍ଡଳୀରେ ଉଠା ଜଳସେଚନ ପ୍ରକଳ୍ପର ସ୍ଥିତି ଓ ସମସ୍ୟାର ସମାଧାନ ସଂପର୍କରେ ଓ.ଏଲ୍. ଆଇ.ସି ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସମୀକ୍ଷା ବୈଠକ ପରେ ଅଧ୍ୟକ୍ଷ ଶ୍ରୀ ପତ୍ରୀ ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଭେଜିପଦର–୧ ଠାରେ ନଦୀ ପ୍ରକଳ୍ପ ଉଠାଜଳସେଚନ ପ୍ରକଳ୍ପ ଏବଂ ଶରଧାପୁର ଗଭୀର ସେଚ କୂପ କ୍ଲଷ୍ଟର ପରିଦର୍ଶନ କରିଥିଲେ । ସେହିପରି ଓ.ଏଲ୍.ଆଇ.ସି ଅଧ୍ୟକ୍ଷ ଶ୍ରୀ ପତ୍ରୀ ଆଜି ୨ୟ ଦିନରେ ଭବାନୀପାଟଣା ବ୍ଲକର ସଗଡା ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ ଏବଂ ଫତାପଡା ସ୍ଥିତ ଡିପ୍ ବୋରଓ୍ୱେଲ କ୍ଲଷ୍ଟର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ଏଠାରେ ଫୁଲକୋବି ଚାଷ କରି କୃଷକମାନେ କିପରି ଉପକୃତ ହେଉଛନ୍ତି, ସେ ସଂପର୍କରେ କୃଷକମାନଙ୍କସହିତ ଆଲୋଚନା କରିଥିଲେ।

## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ

ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ନାମ ଯେମିତି କାମ ସେମିତି !



ପିତା ୰ ଗୋକୂଳାନନ୍ଦ ମହାରଥୀ ଓ ମାତା ୰ ପ୍ରଭାତୀ ମଞ୍ଜରୀ ଦେବୀଙ୍କର ପାଞ୍ଚଗୋଟି ସନ୍ତାନସନ୍ତତି ମଧ୍ୟରୁ ପ୍ରଦୀପ ମହାରଥୀ ହେଲେ ଦ୍ୱିତୀୟ ସନ୍ତାନ। ପିପିଲିର ପାଣିଦୋଳ ପଞ୍ଚାୟତର ଖୋରାପଦା ଗ୍ରାମରେ ପ୍ରଦୀପ ମହାରଥୀ ଜନ୍ମଗ୍ରହଣ କରିଥିଲେ ୧୯୫୫ ମସିହା ଜୁଲାଇ ମାସ ଚାରି ତାରିଖରେ। ପିତା ମାତା ଶ୍ରଦ୍ଧାରେ ନାମ ରଖିଲେ ପ୍ରଦୀପ, ଡାକନାମ ନଟୁ। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଟି ଦିନରୁ ତାଙ୍କର ଅନେକ ଭଲଗୁଣ ବିକଶିତ ହୋଇଉଠିଥିଲା। କୌଣସି ପରିସ୍ଥିତିରେ ବି ସତ୍ୟ ଓ ନ୍ୟାୟ ପଥରୁ ସେ ଓହରି ଯାଉନଥିଲେ। ପିତା ଗୋକୂଳାନନ୍ଦ ମହାରଥୀ ଜଣେ ଆଦର୍ଶ ମଣିଷ ଥିଲେ, ବୃତ୍ତିରେ ସେ ଥିଲେ ଇଂଜିନିୟର। ମାତା ପ୍ରଭାତୀ ମଞ୍ଜରୀ ଦେବୀ ଅତ୍ୟନ୍ତ ସ୍ନେହୀ, ପରୋପକାରୀ ଓ ଅତ୍ୟନ୍ତ ଧର୍ମପରାୟଣା ଥିଲେ।

ପ୍ରଦୀପ ପିଲାଦିନେ ଟିକେ ଦୁଷ୍ଟ ଥିଲେ। କୌଣସି ଗୋଟିଏ ସ୍କୁଲରେ ସେ ସ୍ଥିର ହୋଇ ରହି ପାଠ ପଢ଼ି ନଥିଲେ। କେତେବେଳେ ପିଉସୀ ଘରେ ତ କେତେବେଳେ ମାଉସୀ ଘରେ (ବାଙ୍କୀ), କେତେବେଳେ ଇଉନିଟ୍-୬, କ୍ୟାପିଟାଲ୍ ହାଇସ୍କୁଲରେ ତ କେତେବେଳେ ପୁରୀ ଜିଲ୍ଲା ସ୍କୁଲରେ, ସ୍କୁଲ ଜୀବନ ବିତାଇଥିଲେ। ଶେଷରେ ୧୯୭୨ ମସିହାରେ 'ଜିଲ୍ଲାସ୍କୁଲ' ପୁରୀରୁ ମାଟ୍ରିକ୍ ପରୀକ୍ଷାରେ (ଏକାଦଶ ଶ୍ରେଣୀ) ଉତ୍ତୀର୍ଣ୍ଣ ହୋଇ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ସାନ୍ଧ୍ୟ)ରେ ନାମ ଲେଖାଇଥିଲେ। ଛାତ୍ର ରାଜନୀତିରେ ପ୍ରଥମ କରି ଯୋଗଦାନ କରି ନିର୍ବାଚନରେ ଭାଗନେଲେ ଏବଂ ସାଧାରଣ ସମ୍ପାଦକ ପଦରେ ନିର୍ବାଚିତ ହେଲେ। ୧୯୭୫ ମସିହାରେ ଭାରତବର୍ଷରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଦୀପ ମହାରଥୀ ଛାତ୍ର ଆନ୍ଦୋଳନରେ ଭାଗ ନେଇଥିବାରୁ ତାଙ୍କୁ ମିଶା (MISA)ରେ ଆରେଷ୍ଟ କରାଗଲା। ସେତେବେଳେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ, ନୀଳମଣି ରାଉତରାୟଙ୍କ ପରି ଅନେକ ତୁଙ୍ଗ ନେତା ଆରେଷ୍ଟ ହୋଇ ଜେଲ୍‌ରେ ଥାଆନ୍ତି। ପ୍ରଦୀପ ମହାରଥୀ ଜେଲ୍‌ରେ ଥିବା ସମୟରେ ବିଜୁ ପଟ୍ଟନାୟକଙ୍କ ସହ ସାକ୍ଷାତ କରିବାର ସୁଯୋଗ ପାଇଥିଲେ। ଜେଲ୍ (Jail) ଏବଂ ସେଲ୍ (Cell)ରେ ପ୍ରାୟ ଅଠରମାସ କାଳ ରହି, କଠିନ ଦୁଃଖ, କଷ୍ଟ ଓ ନିର୍ଯ୍ୟାତନା ସହି ପୁଣି ଫେରିଆସିଲେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ୧୯୭୬ ମସିହା ଶେଷ ବେଳକୁ ଏବଂ ସେଠାରେ ବି.ଏ. (ଶିକ୍ଷା ସମ୍ମାନ)ରେ ନାମ ଲେଖାଇଲେ। ତା ପରେପରେ ୧୯୭୭ ମସିହାରେ କଲେଜ ନିର୍ବାଚନରେ ଅଂଶଗ୍ରହଣ କରି ସଭାପତି ପଦ ପାଇଁ ଲଢ଼େଇ କରି ବିଜୟ ଟୀକା ପିନ୍ଧିଲେ। ଧୀରେ ଧୀରେ ସମଗ୍ର ଓଡ଼ିଶାରେ ତାଙ୍କ ନାମର ପ୍ରଚାର ପ୍ରସାର ହେବାକୁ ଲାଗିଲା। ୧୯୭୮ ମସିହାରେ ମହାବିଦ୍ୟାଳୟର ବାର୍ଷିକୋତ୍ସବକୁ ମୁଖ୍ୟଅତିଥି କରି ଡାକିଥିଲେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କୁ ଯିଏକି ସେତେବେଳେ କେନ୍ଦ୍ରରେ ଇସ୍ପାତ ଓ ଖଣିମନ୍ତ୍ରୀ ଥିଲେ ଓ ଭୂମିପୁତ୍ର ନାମରେ ଯାହାଙ୍କ ସୁନାମ ଦେଶବିଦେଶରେ ପରିବ୍ୟାପ୍ତ ଥିଲା।

ପ୍ରଦୀପ ମହାରଥୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କ ତରଫରୁ କରାଯାଇଥିବା ସ୍ୱାଗତ ସମ୍ବର୍ଦ୍ଧନା ଦେଖି ବିଜୁବାବୁ ତଟସ୍ଥ ହୋଇଯାଇଥିଲେ। ପ୍ରଦୀପ ମହାରଥୀଙ୍କ ସାଙ୍ଗଠନିକ ଦକ୍ଷତାର ଭୂରିଭୂରି ପ୍ରଶଂସା କରି ବିହ୍ୱଳିତ ହୋଇ ଭାଷଣରେ କହି ପକାଇଲେ ପ୍ରଦୀପ ଖାଲି ନାମରେ ନୁହେଁ କାମରେ ବି ମହାରଥୀ।

ଏଇଠି ଜାଣ ତାଙ୍କ ରାଜନୈତିକ ଜୀବନର ମୂଳଦୁଆ ପଡ଼ିଥିଲା। ପ୍ରବାଦପୁରୁଷ ବିଜୁବାବୁ ହିଁ ପାଲଟିଗଲେ ତାଙ୍କ ରାଜନୈତିକ ଗୁରୁ। ସେହି ଯୋଗଜନ୍ମା ପୁରୁଷ ପ୍ରଦୀପ ମହାରଥୀଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

**ଡ. ପ୍ରତିଭା ମହାରଥୀ**
*ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯*

# ହକି ବିଶ୍ୱକପ୍‌କୁ ନେଇ ଆତ୍ମପ୍ରଚାରରେ ବ୍ୟସ୍ତ ସରକାର

ରାଉରକେଲା (ପିଏନ୍): ଆସନ୍ତା ୨୦୨୩ ହକି ବିଶ୍ୱକପ୍‌କୁ ନେଇ ରାଜ୍ୟ ସରକାର ଆତ୍ମପ୍ରଚାରରେ ମାତିଛନ୍ତି । ଆଗାମୀ ନଭେମ୍ବର ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଥିବା ଜୁନିୟର ହକି ବିଶ୍ୱକପ୍ ସରକାରଙ୍କ ଏହି ଆତ୍ମପ୍ରଚାରକୁ ଆହୁରି ଖୋରାକ୍ ଯୋଗାଇଛି । ତେବେ ହକି ବିଶ୍ୱକପ୍ ପ୍ରଚାରରେ ମସଗୁଲ୍ ଥିବା ରାଜ୍ୟ ସରକାର ହକି କ୍ରୀଡାବିତ୍‌ଙ୍କ ମୌଳିକ ଆବଶ୍ୟକତା ଯଥା ଅଭ୍ୟାସ ଓ ପାଠପଢାକୁ ଭୁଲିଯିବା ନିହାତି ଦୁର୍ଭାଗ୍ୟଜନକ ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି । ଗତ ୩୦ ତାରିଖରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀକୁ ସଭାପତି ଶ୍ରୀ ଜର୍ଜ ତିର୍କୀ ଓ ଅନ୍ୟ ନେତୃବୃନ୍ଦ ଏହି ମର୍ମରେ ସମ୍ବୋଧିତ କରିଥିଲେ । ଶ୍ରୀ ତିର୍କୀ କହିଲେ ଯେ, ଗତ ୨୦୨୦ ମାର୍ଚ୍ଚ ମାସରୁ କରୋନା କଟକଣା ଅନୁଯାୟୀ ରାଉରକେଲା ଓ ସୁନ୍ଦରଗଡ ସମେତ ରାଜ୍ୟର ୧୬ଟି କ୍ରୀଡା ଛାତ୍ରାବାସକୁ ବନ୍ଦ ରଖାଯାଇଛି । ତେଣୁ କ୍ରୀଡାବିତ୍‌ମାନେ ସମ୍ପ୍ରତି ସେମାନଙ୍କ ନିଜ ନିଜ ଘରେ ରହିବାକୁ ବାଧ ହୋଇଛନ୍ତି । ତେବେ କ୍ରୀଡାବିତ୍‌ମାନେ ଘରେ ରହି କ୍ରୀଡା ଅଭ୍ୟାସରୁ ବଞ୍ଚିତ ହୋଇଥିବା ବେଳେ ଅନ୍‌ଲାଇନ୍ ପାଠପଢାରେ କି ସୁଯୋଗ ପାଉଥିଲେ । ଅବଶ୍ୟ ଅଗମ୍ୟ ଓ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା କ୍ରୀଡାବିତ୍‌ମାନେ ଇଣ୍ଟରନେଟ୍ ଓ ବିଜୁଳି ସେବା ଅଭାବରୁ ଏହି ଅନ୍‌ଲାଇନ୍ ପାଠପଢା ସୁଯୋଗ ମଧ୍ୟ ପାଇପାରୁ ନଥିଲେ । ତେବେ ଇତିମଧ୍ୟରେ ଆମ ସୁନ୍ଦରଗଡ ଜିଲ୍ଲାରେ କୋଭିଡ୍ କଟକଣାକୁ ସମ୍ପୂର୍ଣ୍ଣ କୋହଳ କରାଯାଇ ସ୍କୁଲ କଲେଜର ଶ୍ରେଣୀ କକ୍ଷରେ ପାଠପଢା ଆରମ୍ଭ କରାଯାଇଛି । ବିଭିନ୍ନ ରାଜନୈତିକ ଶୋଭାଯାତ୍ରା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସମେତ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମକୁ ମଧ୍ୟ ଅନୁମତି ଦିଆଯାଉଛି । ସବୁକିଛି ଧିରେ ଧିରେ ସ୍ୱାଭାବିକ ହେଉଥିବା ବେଳେ କ୍ରୀଡା ଛାତ୍ରାବାସ କିନ୍ତୁ ଏ ପର୍ଯ୍ୟନ୍ତ ଖୋଲୁନାହିଁ । କ୍ରୀଡା ଛାତ୍ରାବାସ ବନ୍ଦ ଥିବାରୁ ଛାତ୍ରଛାତ୍ରୀମାନେ ଅଦ୍ୟାବଧି ଛାତ୍ରାବାସକୁ ଫେରିପାରି ନାହାନ୍ତି । ଅପରପକ୍ଷରେ ସ୍କୁଲ କଲେଜ ଖୋଲିଥିବାରୁ ୯ମ ଶ୍ରେଣୀରୁ ଆରମ୍ଭ କରି ଉଚ୍ଚଶ୍ରେଣୀ ପିଲାଙ୍କ ପାଠପଢା ଗତ ୨ ମାସରୁ ଅଧିକ ସମୟ ହେବ ଆଉ ଅନ୍‌ଲାଇନ୍ ମାଧ୍ୟମରେ କରାଯାଉ ନାହିଁ । ଫଳରେ କ୍ରୀଡା ଛାତ୍ରାବାସର ଛାତ୍ରଛାତ୍ରୀମାନେ ନିଜ ନିଜ ଘରେ ରହି ଏବେ ସମ୍ପୂର୍ଣ୍ଣ ଭାବେ ପାଠପଢା ସୁଯୋଗରୁ ବଞ୍ଚିତ ହେଉଛନ୍ତି । କାରଣ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଏହି ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ଦିନ ରାଉରକେଲା ଓ ସୁନ୍ଦରଗଡ ସହରକୁ ଯାଇ ସ୍କୁଲ କଲେଜରେ ଅଧ୍ୟୟନ କରି ସେମାନଙ୍କ ନିଜ ନିଜ ଘରକୁ ଫେରିବା ସମ୍ଭବପର ହେଉନାହିଁ । ପୁନଶ୍ଚ ଛାତ୍ରଛାତ୍ରୀମାନେ ପ୍ରାୟ ଦେଢବର୍ଷ ଧରି କ୍ରୀଡା ଛାତ୍ରାବାସ ଠାରୁ ଦୂରରେ ରହି କ୍ରୀଡା ଅଭ୍ୟାସରୁ ବଞ୍ଚିତ ହୋଇଛନ୍ତି । ତେବେ ସରକାରୀ କ୍ରୀଡା ଛାତ୍ରାବାସ ବନ୍ଦ ରହିଥିବା ବେଳେ କିଛି ଘରୋଇ ଉତ୍କର୍ଷ କେନ୍ଦ୍ରରେ ପିଲାମାନେ ରହି ଅଭ୍ୟାସ କରୁଥିବାର ଦେଖାଯାଉଛି । ତେଣୁ ହକି କ୍ରୀଡାବିତ୍‌ଙ୍କ ପ୍ରତି ସରକାରଙ୍କର କ'ଣ ପାଇଁ ଏପରି ଦୋହରା ବିଚାର ବୋଲି ଶ୍ରୀ ତିର୍କୀ ପ୍ରଶ୍ନ କରି ରାଜ୍ୟ କ୍ରୀଡା ବିଭାଗ କ୍ରୀଡାବିତ୍‌ଙ୍କ ଭବିଷ୍ୟତ ଦୃଷ୍ଟିରୁ କ୍ରୀଡା ଛାତ୍ରାବାସ ଖୋଲିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଏହି ଅବସରରେ କଂଗ୍ରେସ ତରଫରୁ ଦାବି କରାଯାଇଛି । କାରଣ କ୍ରୀଡା ଛାତ୍ରାବାସ ଦୀର୍ଘଦିନ ଧରି ବନ୍ଦ ରହିବା ଦ୍ୱାରା କ୍ରୀଡାବିତ୍‌ଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି । ସେମାନଙ୍କ ମାନସିକ ଶକ୍ତି ଦୁର୍ବଳ ହେବା ସହିତ ଦକ୍ଷତା ଓ ଫିଟ୍‌ନେସ୍ ମଧ୍ୟ ପ୍ରଭାବିତ୍ ହେଉଛି । ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗର କ୍ରୀଡା ଛାତ୍ରାବାସ ବନ୍ଦ ସମ୍ପର୍କିତ ନିଷ୍ପତ୍ତି ସୁନ୍ଦରଗଡ ଜିଲ୍ଲାର ହକି ପ୍ରତିଭାଗୁଡିକର ଆବଶ୍ୟକୀୟ ବିକାଶରେ ଅନ୍ତରାୟ ସୃଷ୍ଟି କରୁଥିବାରୁ ତୁରନ୍ତ ଏହି ନିଷ୍ପତ୍ତିର ପୁନର୍ବିଚାର କରି କ୍ରୀଡା ଛାତ୍ରାବାସ ଖୋଲିବାକୁ ଶ୍ରୀ ତିର୍କୀ ଦାବି କରିଛନ୍ତି । ଅପରପକ୍ଷରେ କ୍ରୀଡା ଛାତ୍ରାବାସରେ ମଧ୍ୟ ନାନାଦି ମୌଳିକ ସମସ୍ୟା ଲାଗିରହିଥିବା ବେଳେ ସରକାର ସେଗୁଡିକ ପ୍ରତି ଆଖି ବୁଜିଦେଇଛନ୍ତି । କ୍ରୀଡା ଛାତ୍ରାବାସରେ ସାଇକେଲ୍ ଷ୍ଟାଣ୍ଡଟିଏ ନଥିବାରୁ ଛାତ୍ରଛାତ୍ରୀମାନେ ସାଇକେଲ୍‌କୁ ନିଜ ରୁମ୍ ଭିତରେ ରଖିବାକୁ ବାଧ ହେଉଛନ୍ତି । କ୍ରୀଡା ଅଭ୍ୟାସ କରାଯାଉଥିବା ଆଷ୍ଟ୍ରୋଟର୍ଫ ପଡିଆ ପାର୍ଶ୍ୱରେ ଟଏଲେଟ୍ ନଥିବାରୁ ଛାତ୍ରୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଭ୍ୟାସରତ ଛାତ୍ରଛାତ୍ରୀଙ୍କ ଅଭ୍ୟାସକୁ ଅନ୍ୟ ଛାତ୍ରଛାତ୍ରୀମାନେ ବସି ଦେଖିବା ପାଇଁ ଗ୍ୟାଲେରୀଟିଏ ମଧ୍ୟ ନାହିଁ । ଅଭ୍ୟାସ ସମୟରେ କୌଣସି ଛାତ୍ରଛାତ୍ରୀ ଆହତ ହେଲେ ସେମାନଙ୍କ ଆଶୁଚିକିତ୍ସା ପାଇଁ ଛାତ୍ରାବାସରେ ଫିଜିଓଥେରାପୀର କୌଣସି ବ୍ୟବସ୍ଥା ନାହିଁ । ଛାତ୍ରାବାସରେ ଅଭ୍ୟର୍ଥନା କକ୍ଷ ନଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଭେଟିବାକୁ ଆସୁଥିବା ସେମାନଙ୍କ ଅଭିଭାବକମାନେ ବାହାରେ ଗଛତଳେ ଛିଡାହୋଇ ସାକ୍ଷାତ ଆଲୋଚନା କରି ଫେରୁଛନ୍ତି । ଗତ ପ୍ରାୟ ୮ ବର୍ଷ ତଳେ ଛାତ୍ରଛାତ୍ରୀଙ୍କ ଦୈନିକ ଖାଦ୍ୟ ଖର୍ଚ୍ଚ ୧୬୦ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଅଦ୍ୟାବଧି ଆଉ ଟଙ୍କାଟିଏ ବୃଦ୍ଧି ହୋଇନାହିଁ । ଅପରପକ୍ଷରେ ବିଭିନ୍ନ ଖାଉଟି ସାମଗ୍ରୀର ଦର ଅହେତୁକ ଭାବେ ବୃଦ୍ଧି ହୋଇଛି । ପାନପୋଷ କ୍ରୀଡା ଛାତ୍ରାବାସରେ ୧୫୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ମୁରୀ ମିଳିବା ସହିତ ଆବଶ୍ୟକୀୟ ବ୍ୟବସ୍ଥା ଥିବାବେଳେ ପ୍ରାୟ ୯୦ ଜଣ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି । ଜିଲ୍ଲାର ଗ୍ରାମାଞ୍ଚଳରୁ ଛାତ୍ରଛାତ୍ରୀ ଚୟନ କରି ଖାଲିଥିବା ସ୍ଥାନରେ ପ୍ରଶିକ୍ଷଣ ଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଏଭଳି ଅନେକ ମୌଳିକ ସମସ୍ୟା ଲାଗି ରହିଥିବା ବେଳେ ରାଜ୍ୟ ସରକାର ସେସବୁ ପ୍ରତି ନିଦାବିଷ୍ଟ ସାଜି ନିଜ ପ୍ରଚାରରେ ମାତିଛନ୍ତି । ତେଣୁ ତୁରନ୍ତ ଛାତ୍ରାବାସକୁ ଖୋଲିବା ସହିତ ମୌଳିକ ସମସ୍ୟା ଗୁଡିକର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ତିର୍କୀ ଦାବି କରିବା ସହିତ ଅନ୍ୟଥା ଜିଲ୍ଲା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବ ବୋଲି ଚେତାବନୀ ଦେଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ତିର୍କୀଙ୍କ ସମେତ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି ଉପସ୍ଥିତ ରହି ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ମୁଖପାତ୍ର ଇଂ.ଆର୍.ପି. ସିଂହ ଓ ଗିରିଜା ଶଙ୍କର ମିଶ୍ର, ସାମାଜିକ ଗଣମାଧ୍ୟମର ସୁଧୀର ନାଥ ଓ ଦିଲ୍ଲୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ

ବାଲେଶ୍ୱର (ପିଏନ୍)- ଗତ ୧ ତାରିଖ ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ରଥକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦେବ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହା ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ସଚେତନତା ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗଦେବ ପୌରୋହିତ୍ୟ କରିଥିବା ବେଳେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା.ଶଶାଙ୍କ ଶେଖର ଚୌଧୁରୀ, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପରେଶ ଚନ୍ଦ୍ର ନନ୍ଦୀ, ମେଡିକାଲ ଅଫିସର, ରକ୍ତ ଭଣ୍ଡାର ଡା. ବସନ୍ତ କୁମାର ଉପାଧ୍ୟାୟ, ଏପିଡେମୋଲୋଜିଷ୍ଟ ଡା. ଅରୁଣ ଅଭିଷେକ, ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି, ଶ୍ରୀ ବିଷ୍ଣୁପଦ ମିଶ୍ର ଏବଂ ଅନ୍ୟ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ । ଏହି ସଭାରେ ସ୍ୱେଚ୍ଛାକୃତ ରକ୍ତଦାନ କରୁଥିବା ସେବକ ଓ ସେବିକାମାନେ ଯୋଗ ଦେଇଥିଲେ । ବୈଠକରେ ରକ୍ତଦାନ ମହାନ ବିଷୟ ସମ୍ପର୍କରେ ଡାକ୍ତର ଏବଂ ଅଧିକାରୀମାନେ ଆଲୋଚନା କରିଥିଲେ । ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଶ୍ରୀ ରମଣୀକାନ୍ତ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇ ରକ୍ତ ସଂଗ୍ରହ କରାଯାଇଥିଲା ।

# ପୁରୀରେ ମା'ବିମଳାଙ୍କ ଆଦି ଶକ୍ତିପୀଠ





ପୂଣ୍ୟଭୂମି ଭାରତବର୍ଷରେ କୋଟି କୋଟି ଦେବୀ ଦେବତା, ଦେବ ପୀଠ ଓ ଶକ୍ତିପୀଠ ରହିଛି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ମା' ଶକ୍ତିଙ୍କୁ ନିଜର ଝିଅ(ସତୀ) ରୂପରେ ପାଇବା ପରେ କୌଣସି ପ୍ରକାର ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଦକ୍ଷରାଜଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ। ଦକ୍ଷ ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ବାପାଙ୍କ ଅପମାନକୁ ସହ୍ୟ କରି ନପାରି ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ବ୍ରହ୍ମା ଓ ବିଷ୍ଣୁଙ୍କୁ ଅନୁରୋଧ କଲେ। ବିଷ୍ଣୁ ଅନୁଭବ କଲେ, ଯେପର୍ଯ୍ୟନ୍ତ ଶିବଙ୍କ ହସ୍ତରୁ ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ। ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ, (୧)ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା(ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା'ତାରା ତାରିଣୀ (ସ୍ତନଖଣ୍ଡ), ୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ(ଜୋନିଖଣ୍ଡ) ଓ ୪) କୋଲକତାର ଦକ୍ଷିଣ କାଳୀ (ମୁଖଖଣ୍ଡ)। ଓଡ଼ିଶାରେ ମଧ୍ୟ ଗୋଟିଏ ମହା ଶକ୍ତିପୀଠ ମା' "ବିରଜା" ରହିଛନ୍ତି।

ଆଦି ଶକ୍ତିପୀଠଗୁଡ଼ିକ ମଧ୍ୟରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପୂଜିତା ମା'ବିମଳା ପୀଠ ଅନ୍ୟତମ। ଏହାକୁ ବିମଳା ଦେବୀ ପୀଠ ବି କୁହାଯାଏ। ପୌରାଣିକ ତଥ୍ୟ ଅନୁଯାୟୀ ଏଠାରେ ମା'ସତୀଙ୍କ ପାଦଖଣ୍ଡ ପଡ଼ିଥିଲା। ଏହି ଶକ୍ତି ପୀଠରେ ମା' ସତୀଙ୍କୁ 'ବିମଳା' ଏବଂ ଭଗବାନ ଶିବଙ୍କୁ 'ବ୍ରହ୍ମାଣ୍ଡ' କୁହାଯାଏ। ଏଠାରେ ବିଷ୍ଣୁ ଓ ଶିବଙ୍କୁ ଗୋଟିଏ ଦେବତା ଭାବେ ପୂଜା କରାଯାଏ। ଦେବୀ ସତୀ ଦେବୀ ଶକ୍ତି (ସଦଭାବର ଦେବୀ)ଙ୍କର ଅବତାର ଅଟନ୍ତି ଓ ତାଙ୍କୁ ଦେବୀ ଦୁର୍ଗା(ଶକ୍ତିର ଦେବୀ) ମଧ୍ୟ କୁହାଯାଏ। ଦେବୀ ସତୀଙ୍କୁ ଦେବୀ କାଳୀ(ଦୃଷ୍ଟ ଶକ୍ତି ବିନାଶର ଦେବୀ)ଙ୍କ ରୂପରେ ମଧ୍ୟ ପୂଜା କରାଯାଏ। ଦେବୀ ବିମଳା ହେଉଛନ୍ତି ମା'ଦୁର୍ଗା ଓ ପାର୍ବତୀଙ୍କର ଅବତାର। ସେ ହେଉଛନ୍ତି ଶ୍ରୀ ମନ୍ଦିରର ପରିଚାଳିକା। ଏଠାରେ ମା'ବିମଳାଙ୍କୁ ସ୍ୱତନ୍ତ୍ର ଭୋଗ ଅର୍ପଣ କରାଯାଏ ନାହିଁ। ଜଗନ୍ନାଥଙ୍କୁ ପ୍ରଥମେ ଭୋଗ ଲାଗିବା ପରେ ତାଙ୍କ ଉଚିଷ୍ଟକୁ ଦେବୀଙ୍କୁ ଅର୍ପଣ କରାଯାଏ ଓ ତାହା ମହାପ୍ରସାଦରେ ପରିଣତ ହୁଏ। ଅର୍ଥାତ୍ ଜଗନ୍ନାଥଙ୍କ ଉଚିଷ୍ଟ ବିମଳାଙ୍କୁ ଅର୍ପଣ ନହେବା ପର୍ଯ୍ୟନ୍ତ ତାହା ମହାପ୍ରସାଦରେ ପରିଣତ ହୁଏନାହିଁ। ଏ ସଂପର୍କରେ ଏକ ପୌରାଣିକ ତଥ୍ୟ ରହିଛି। ଥରେ ଶିବ ବୈକୁଣ୍ଠପୁର ଯାଇଥିଲେ। ସେଠାରେ ଶିବ ଦେଖିଲେ, ବିଷ୍ଣୁ ଖାଇ ସାରିବା ପରେ କିଛି ଖାଦ୍ୟଶସ୍ୟ ତଳେ ପଡ଼ିଛି। ଶିବ ଗୋଟିଏ ଶସ୍ୟ ଉଠାଇ ଖାଇଦେଲେ। କିନ୍ତୁ ତାଙ୍କ ଅଜାଣତରେ ସେହି ଶସ୍ୟର ଅଧା ତାଙ୍କ ଦାଢ଼ୀରେ ଲାଗିରହିଲା। ଶିବ ସେଠାରୁ କୈଳାଶ ଫେରିବା ପରେ ନାରଦ ମୁନି ଏହା ଦେଖି ସେହି ଅଧା ଶସ୍ୟକୁ ଖାଇଦେଲେ। ଏଥିଯୋଗୁ ପାର୍ବତୀ ଭୟଙ୍କର ଭାବେ ରାଗିଗଲେ। କାରଣ ସେହି ଅଧା ଶସ୍ୟ ଖାଇବାର ଅଧିକାର କେବଳ ତାଙ୍କର ଅଛି ! ଏ ଘଟଣା ସଂପର୍କରେ ଜାଣିବା ପରେ ବିଷ୍ଣୁ ତାଙ୍କୁ ଶାନ୍ତ କରିବା ପାଇଁ ଗୋଟିଏ ବର ପ୍ରଦାନ କଲେ ଯେ, କଳିଯୁଗରେ ସେ (ପାର୍ବତୀ) ପୁରୀରେ ମା' ବିମଳା ରୂପରେ ପୂଜା ପାଇବେ ଏବଂ ପ୍ରତିଦିନ ତାଙ୍କର ଉଚିଷ୍ଟ ଖାଇବାର ସୁଯୋଗ ପାଇବେ।

ମା'ବିମଳାଙ୍କ ମନ୍ଦିର ଜଗନ୍ନାଥ ମନ୍ଦିରରର ଡ଼ାହାଣକୁ ଓ ପବିତ୍ର ରୋହିଣୀ କୁଣ୍ଡ ପାର୍ଶ୍ୱରେ ଅବସ୍ଥିତ। ମନ୍ଦିରର ପ୍ରବେଶ ପଥ ପୂର୍ବ ଦିଗକୁ ରହିଛି। ମା'ବିମଳାଙ୍କ ମୂର୍ତିରେ ଚାରି ହାତ ରହିଛି। ଉପର ଓ ଡ଼ାହାଣ ହାତରେ ମାଳା ଧାରଣ କରିଛନ୍ତି। ତଳ ଡ଼ାହାଣ ହାତରେ ଆଶୀର୍ବାଦର ସଙ୍କେତ ଓ ତଳ ବାଁ ହାତରେ ଅମୃତ ଭରା ଏକ କଳସୀ ରହିଛି। ମା'ଙ୍କ ମନ୍ଦିରରେ ବ୍ରାହ୍ମୀ, ମାହେଶ୍ୱରୀ, ଆନ୍ଦ୍ରୀ,କୁମାରୀ, ବୈଷ୍ଣବୀ, ବରାହୀ ଓ ମା'ଚାମୁଣ୍ଡାଙ୍କର ମଧ୍ୟ ମୂର୍ତି ରହିଛି। ମନ୍ଦିରର ଶିଖରକୁ 'ରେଖା ଦେଉଳ' କୁହାଯାଏ। ଏହାର ଉଚ୍ଚତା ୬୦ ଫୁଟ୍। ଏହାର ବାହାର ଦ୍ୱାର ୫ ଭାଗରେ ବିଭକ୍ତ। ମନ୍ଦିରର ୪ଟି ପ୍ରମୁଖ ଅଂଶ ରହିଛି, ଯଥା:- ମନ୍ଦିର ଶିଖର (ବିମାନମ), ସମ୍ମେଳନ ସଭାମଣ୍ଡପ (ଜଗମୋହନ), ପର୍ବ ମହୋତ୍ସବ ସଭା ମଣ୍ଡପ(ନାଟ ମଣ୍ଡପ) ଓ ଭୋଗ ମଣ୍ଡପ (ଆହୁତି ସଭାମଣ୍ଡପ)। ଏଠାରେ ଦୁର୍ଗାପୂଜା ମହୋତ୍ସବ ୧୬ ଦିନ ଧରି ଚାଲେ। ଏହାକୁ ଶାରଦୀୟ ଉତ୍ସବ ବୋଲି କୁହାଯାଏ। ନବରାତ୍ରି ଓ ବିଜୟା ଦଶମୀ ଉତ୍ସବ ମଧ୍ୟ ଅତି ଉଲ୍ଲାସରେ ପାଳିତ ହୁଏ। ଏଥିସହ ଅନ୍ୟାନ୍ୟ ପର୍ବଆଦି ମହୋତ୍ସବ ମଧ୍ୟ ଏଠାରେ ପାଳିତ ହୁଏ।








ତୀର୍ଥଯାତ୍ରୀ ଓ ସାଧାରଣରେ ବିଶ୍ୱାସ ରହିଛି ଯେ, ଏଠାରେ କୌଣସି ଭକ୍ତ ବା ଶ୍ରଦ୍ଧାଳୁ ନିଷ୍ଠାର ସହ ମା'ଙ୍କର ପୂଜାର୍ଚ୍ଚନା କଲେ, ନିଜର ଦାମ୍ପତ୍ୟ ଓ ପାରିବାରିକ ଜୀବନ ମଙ୍ଗଳମୟ ଓ ସୁଖ ଦାୟକ ହେବା ସହ ମା'ଙ୍କ ଆଶୀର୍ବାଦରେ ଧର୍ମପରାୟଣ ମଣିଷ ହୋଇ ପାରିବ। ଏହି ବିଶ୍ୱାସରେ ନିଜର ମନସ୍କାମନା ପୂରଣ ପାଇଁ ମା'ଙ୍କର ପୂଜା-ଆରାଧନା କରିବାକୁ ପ୍ରତିଦିନ ଏହି ଆଦି ଶକ୍ତିପୀଠକୁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ଆସିଥାନ୍ତି। ଯେଉଁମାନେ ପୁରୀ ଆସନ୍ତି, ସେମାନେ ଜଗନ୍ନାଥଙ୍କ ସହ ମା' ବିମଳାଙ୍କୁ ମଧ୍ୟ ଦର୍ଶନ କରିଥାନ୍ତି।

**ଶରତ କୁମାର ରାଉତ**
*ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮*

# ଗୋକର୍ଣ୍ଣେଶ୍ୱର ମନ୍ଦିର ପୂଜକଙ୍କ ସ୍ମୃତିଚାରଣ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ନିକଟ ଗୋକର୍ଣ୍ଣେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ସ୍ୱର୍ଗତ ବିନୋଦ ବିହାରୀ ପାଢୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟି ବେଣୁଧର ନାୟକଙ୍କ ସଭାପତିତ୍ୱରେ ପରିଚାଳିତ ଶୋକସଭାରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ, ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢୀ, କବି ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ସମାଜସେବୀ କାହ୍ନୁଚରଣ ଦାଶ ଓ ଗୋଲକ ଚନ୍ଦ୍ର ପଲେଇ ଅତିଥିଭାବେ ଯୋଗଦେଇ ବିନନ୍ଦନା ଭାବେ ପରିଚିତ ମୁଣ୍ଡମାଳ ଗ୍ରାମର ସ୍ୱର୍ଗତ ପାଢୀଙ୍କୁ ଜଣେ ଧର୍ମପରାୟଣ ଓ ନିଷ୍ପାପର ପୂଜକ ଭାବେ ବର୍ଣ୍ଣନା କରିଥିଲେ । ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡା, ସଂଯୋଜକ ପ୍ରଫୁଲ୍ଲ କୁମାର ରାୟ, ଅଖିଳ କୁମାର ସ୍ୱାଇଁ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଂଜନ କର, ଶିକ୍ଷକନେତା ଯୁଧିଷ୍ଠିର ସ୍ୱାଇଁ, ଆଦିକନ୍ଦ ସ୍ୱାଇଁ, ଶଶୀଭୂଷଣ ଦ୍ୱାରୀ, ନୃସିଂହ ଚରଣ ମିଶ୍ର, ରମେଶ କୁମାର ସ୍ୱାଇଁ, ଅଶୋକ କୁମାର ସାହୁ, ଉଲ୍ଲାସ କୁମାର ସାମଲ, ରାଧାକାନ୍ତ ଦାଶ, ନନ୍ଦ କିଶୋର ସ୍ୱାଇଁ, ଶୁଭମ୍ ପ୍ରକାଶ ପାଢୀ ଓ ଆଖଣ୍ଡଳମଣି ଦାଶ ଯୋଗଦେଇ ସ୍ୱର୍ଗତ ପାଢୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ପରିବାର ପକ୍ଷରୁ ଦେବଦତ୍ତ ପାଢୀ, ନବଘନ ପାଢୀ, ସୋମନାଥ ପାଢୀ, ସତ୍ୟରଂଜନ ପାଢୀ ଓ ରମେଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହିତ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା ଓ ଗୀତା ଆବୃତି କରାଯାଇଥିଲା ।

# ଗଣମାଧ୍ୟମକୁ ଆଉ କୌଣସି ସୂଚନା ଦେବ ନାହିଁ ପୁଲିସ

ବାଲେଶ୍ୱର (ପିଏନ୍)-ଜିଲ୍ଲାର କୌଣସି ଗଣମାଧ୍ୟମକୁ ମତାମତ, ବାଇଟ୍ ବା କୌଣସି ପ୍ରକାର ସୂଚନା ପୁଲିସ ଦେବନାହିଁ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସମସ୍ତ ଥାନାକୁ ଚିଠି କରିଥିବା ଜଣାଯାଇଛି। ଚିଠି ନଂ-୬୯୦୧/ ୨୯.୦୯.୨୦୨୧ରେ ଜିଲ୍ଲାର ସମସ୍ତ ଥାନା ଅଧିକାରୀ ଡ଼ିଏସପି, ସମସ୍ତ ଏସଡ଼ିପିଓ, ସିଟି ଅଧିକାରୀମାନଙ୍କୁ ସୂଚନା ଦେବାକୁ ବାରଣ କରାଯାଇଛି। ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ କୌଣସି ସୂଚନାକୁ ବାରଣ କରାଯାଇ ଥିବାରୁ ଜିଲ୍ଲାରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର କଣ୍ଠରୁଦ୍ଧ ପାଇଁ ଉଦ୍ୟମ ହେଉଥିବା ଆଇନଜୀବୀ ମନୋଜ କୁମାର ନାୟକ କହିଥିଲା ବେଳେ ସୂଚନା ପାଇବା ପାଇଁ ଗଣମାଧ୍ୟମର ଅଧିକାର ରହିଛି ଓ ଏହା ଆଇନଗତ ବୋଲି କହିଛନ୍ତି। ଏହା ଇଂରେଜ ଅମଳର ଶାସନକୁ ମନେପକାଇ ଦେଉଛି ବୋଲି ସେ ପ୍ରକାଶ କରିଛନ୍ତି।

# ପ୍ରାଚୀ ଗୁରୁଧର୍ମ କ୍ଷେତ୍ରରେ ଷୋଳପୂଜା ଆରମ୍ଭ



ଗୋପ (ପିଏନ୍): ସର୍ବଧର୍ମ ସମନ୍ୱୟ ପୀଠ ପ୍ରାଚୀ ଗୁରୁଧର୍ମ କ୍ଷେତ୍ରାଧିପତି ମା ଶ୍ୟାମାକାଳୀ ଓ ଦକ୍ଷିଣକାଳୀଙ୍କର ମୂଳାଷ୍ଟମୀଠାରୁ ଷୋଳପୂଜା ଆଶ୍ରମ ପରିସରରେ ଆରମ୍ଭ ହୋଇଛି । ପ୍ରତ୍ୟେକ ଦିନ ପରି ପ୍ରଭାତ ଅବକାଶ ମଙ୍ଗଳ ଆଳତୀ ଓ ସୂର୍ଯ୍ୟପୂଜା ଶେଷ ପରେ ମା'ଙ୍କ ମହାସ୍ନାନ ଏବଂ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା । ଏହା ୧୨ ତାରିଖ ଦୁର୍ଗାପୂଜା ପର୍ଯ୍ୟନ୍ତ ଯଥାବିଧିରେ କରାଯିବ ବୋଲି ଅଧ୍ୟକ୍ଷ ବାବାଜୀ ଦାମୋଦର ଦାସ ପ୍ରକାଶ କରିଛନ୍ତି । ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ ମାତୃ ଉପାସକ । ଏଣୁ ଶ୍ରୀ ଗୁରୁଦେବଙ୍କ ନିର୍ଦ୍ଦେଶାନୁଯାୟୀ ଓ ଭକ୍ତମାନଙ୍କ ଆକୁଳ ବ୍ୟାକୁଳ ଗୁହାରି ଶୁଣିବାକୁ ଏହି କ୍ଷେତ୍ରରେ ୧୯୪୧ ମସିହାରୁ ମା'ଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି । ଓଡିଶାର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଏଠାକୁ ଆସି ଗୋଟିଏ ଛାତ ତଳେ ମା' ଶ୍ୟାମାକାଳୀ ଓ ଦକ୍ଷିଣ କାଳୀଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥା'ନ୍ତି । ଏହି ଆଶ୍ରମରେ ପ୍ରତ୍ୟେକ ଦିନ ଭିକ୍ଷା କରାଯାଇଥାଏ । ଏଣୁ ଏହି ସ୍ୱତନ୍ତ୍ର ଷୋଳପୂଜାରେ ପ୍ରତ୍ୟେକ ଗୁରୁଭାଇ ନିଜର ଦାୟିତ୍ୱ ନେଇ ପୂଜାର୍ଚ୍ଚନାରେ ସହଯୋଗ କରିଥାନ୍ତି । ଅକ୍ଟୋବର ୧୨ ତାରିଖରେ ମା'ଙ୍କ ପାଖରେ ଅଖଣ୍ଡ ନାମ ସହ ରାତ୍ର ୩ ଘଟିକାରେ ପାଣିକଖାରୁ ବଳି ପ୍ରଥା ରହିଛି ବୋଲି ସେବକ ପ୍ରୀତିରଂଜନ ଦାସ ସୂଚନା ଦେଇଛନ୍ତି । ସମସ୍ତ ଭକ୍ତ ଏହି ଉତ୍ସବରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି ।

# ମାଆ ତାରିଣୀ କମାଣ୍ଡର ଓ ଟାକ୍ସି ଡ୍ରାଇଭର ଆସୋସିଏସନ ଜିଲ୍ଲାପାଳଙ୍କୁ ସ୍ଥାୟୀ ଥଇଥାନ ପାଇଁ ଦାବି କଲେ

ଅନୁଗୋଳ (ପିଏନ୍): ମାଆ ତାରିଣୀ କମାଣ୍ଡର ଓ ଟାକ୍ସି ଡ୍ରାଇଭର ଆସୋସିଏସନ, ଅନୁଗୋଳର ସଭ୍ୟମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ବ୍ୟବସାୟକୁ ଚାଲୁ ରଖିବା ଉଦ୍ଦେଶ୍ୟରେ ଗାଡିଗୁଡିକ ପାର୍କିଙ୍ଗ କରିବା ପାଇଁ ସେମାନଙ୍କୁ ତୁରନ୍ତ ଏକ ଜାଗାର ବ୍ୟବସ୍ଥା କରିବା, ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଏକ ଜାଗାର ବ୍ୟବସ୍ଥା, ଟାକ୍ସିରେ ରୋଗୀଠାରୁ ଆରମ୍ଭ କରି ବିଭିନ୍ନ ଲୋକମାନଙ୍କୁ ନେବା ଆଣିବା କରି ନିଜ ଜୀବନକୁ ବାଜି ଲଗାଇ ସାହାଯ୍ୟ କରି ଆସୁଥିବାରୁ ସେମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବା, ସମସ୍ତ ଡ୍ରାଇଭରମାନେ କରୋନା ସମୟରେ ନିଜର ବୃତି ହରାଇଥିବାରୁ ସେମାନଙ୍କ ପରିବାର ପ୍ରତିପୋଷଣ ବିପନ୍ନ ହୋଇଯାଇଛି, ଏଣୁ ସମସ୍ତ ଡ୍ରାଇଭରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଆଦି ଚାରି ଦଫା ଦାବି ରହିଛି । ସେମାନଙ୍କ ଦାବିକୁ ତୁରନ୍ତ ଦଶ ଦିନ ମଧ୍ୟରେ ସମାଧାନ କରା ନ ଗଲେ ସେମାନେ ଆମରଣ ଅନଶନ କରିବା ପାଇଁ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ସେମାନେ ଗତ ୧୯୯୫ମସିହାଠାରୁ ଅନୁଗୋଳ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସାମନାରେ ଅସ୍ଥାୟୀ କାର୍ଯ୍ୟାଳୟ କରି ବ୍ୟବସାୟ ଚଳାଇ ଆସୁଥିଲେ । କିନ୍ତୁ ସହର ସୌନ୍ଦର୍ଯ୍ୟକରଣ ପାଇଁ ଗତ ୦୩।୧୧।୨୦୨୦ରିଖ ଦିନ ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ, ପୋଲିସ ନେଇ କୌଣସି ପ୍ରକାର ସୂଚନା ନ ଦେଇ ଉକ୍ତ ସ୍ଥାନରୁ ସେମାନଙ୍କୁ ହଟାଇଦେଲେ ଓ ସେମାନଙ୍କର ଅସ୍ଥାୟୀ କାର୍ଯ୍ୟାଳୟ ଚାଲୁଥିବା କେବିନକୁ ମଧ୍ୟ ଉଠାଇ ନେଇଯାଇଥିଲେ । ଜିଲ୍ଲାରେ କରୋନାର କରାଳ ରୂପ ଯେତେବେଳେ ସମସ୍ତଙ୍କୁ ଅନ୍ଧାର ଭିତରକୁ ନେଇ ଯାଇଥିଲା, ସେତେବେଳେ ଜିଲ୍ଲା ପ୍ରଶାସନ ଅମାନବୀୟ ଭାବେ ସେମାନଙ୍କୁ ବୃତିହରା କରି ଦେଇଥିଲେ । କରୋନାରେ ସ୍ୱଳ୍ପ ରୋଜଗାରକ୍ଷମ ବ୍ୟକ୍ତିମାନଙ୍କୁ ସରକାର ସହାୟତା ପ୍ରଦାନ କରୁଥିବା ବେଳେ ଅନୁଗୋଳ ଜିଲ୍ଲା ପ୍ରଶାସନ ସେମାନଙ୍କ ଉପରେ ବେଢ଼ି ଉପରେ କୋରଡା ସଦୃଶ ବ୍ୟବହାର କରି ସେମାନଙ୍କଠାରୁ ରୋଜଗାର ଛଡାଇନେଲେ ଯାହାକି ଅତ୍ୟନ୍ତ ନିନ୍ଦନୀୟ ବୋଲି ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଡ୍ରାଇଭର କ୍ଷୋଭ ପ୍ରକାଶ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ତପନ ଶତପଥିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ଓ ଅତିରିକ୍ତ ଜିଲ୍ଲାପାଳ ଉକ୍ତ ସମସ୍ୟାକୁ ସହୃଦୟତାର ସହ ବିଚାର କରି ତୁରନ୍ତ ସାତଦିନ ଭିତରେ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ବୈଠକ ଡାକି ସମାଧାନ କରିବାକୁ ପ୍ରତିଶୃତି ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ସମୟରେ ଆସୋସିଏସନର ଉପଦେଷ୍ଟା ଜିଲ୍ଲା କଂଗ୍ରେସ ସଭାପତି ବିପ୍ଳବ ଜେନା, ଆଇନ ପରାମର୍ଶଦାତା ଆଡଭୋକେଟ ଗୋପାଳ ନାଥ, ପୂର୍ବତନ ବାର ସଭାପତି ଜିତେନ୍ଦ୍ର ସାହୁ, ଧର୍ମେନ୍ଦ୍ର ମିଶ୍ର, ନିଳକଣ୍ଠ ନାଏକ, ପ୍ରଶାନ୍ତ ବିଶ୍ୱାଳ, ସଭାପତି ଦିନବନ୍ଧୁ ଅମାତ, ଉପସଭାପତି ଅନିଲ କୁମାର ନାଏକ, ସଂପାଦକ ପାର୍ଥ ସାରଥି ଦାସ, ପ୍ରକାଶ ସାହୁ, ରାଜକିଶୋର ବିଶ୍ୱାଳ, କପିଳ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ନଭେମ୍ବର ୧୩

## ଏକ ଦୁଃଖଦ ମୁହୂର୍ତ୍ତରୁ...

# କିଶୋର, କିଶୋରୀଙ୍କ ସାମ୍ପ୍ରଦାୟିକ, ଦଳଗତ ବିଚାରଧାରାରେ ଭବିଷ୍ୟତ !!



ଶୈଶବର ଆନନ୍ଦମୟ ଅନୁଭୂତିଗୁଡ଼ିକୁ ବିଦାୟ ଦେଇ କିଶୋର ବୟସରେ ପଦାର୍ପଣ କରୁଥିବା ଶିକ୍ଷାର୍ଥୀଙ୍କ ଭବିଷ୍ୟ ଗଠନର ପ୍ରଥମ ସୋପାନ ବିଶ୍ୱବିଦ୍ୟାଳୟରୁ ଆରମ୍ଭ ହୋଇଥାଏ । ସେହି ସମୟରେ ମଣିଷ ମନରେ ଅଲୌକିକ ଭାବନା ତଥା ନୂତନ ଅନୁଭବ ଗୁଡ଼ିଏ ମନକୁ ଆସିଥାଏ ଯାହାର ଗତିବିଧି ଓ ସୀମା ଧାର୍ଯ୍ୟ କରିବା ଅସମ୍ଭବ ହୋଇପଡେ ସେମାନଙ୍କ ପାଖରେ । କିଶୋର ବୟସରେ ଅନେକ ଶିକ୍ଷାର୍ଥୀ କେତେକ ଅବାଟରେ ପରିଚାଳିତ ହୋଇ ପରବର୍ତ୍ତୀ ସମୟରେ ନିଜ ଜୀବନକୁ ଶୋକ ସନ୍ତପିତ ଅବସ୍ଥାରେ ପରିଚାଳିତ କରୁଥିବା ବିଷୟ ବ୍ୟାଖ୍ୟା କରିବା ଆବଶ୍ୟକ ନାହିଁ, କାରଣ ତାହା ସମସ୍ତେ ଦେଖୁଛନ୍ତି, ଜାଣିଛନ୍ତି । ହେଲେ ସେମାନଙ୍କୁ ଉପଯୁକ୍ତ ରାସ୍ତା ଦେଖାଇବା ଏବଂ ସନ୍ତୁଳିତ, ସରସମୟ ଭବିଷ୍ୟତ ଗଠନ ଦିଗରେ ବ୍ରତୀ କରାଇବା ଦାୟିତ୍ୱ କାହାର ? ନିଶ୍ଚିତ ଭାବେ ସେମାନଙ୍କ ପରିବାରବର୍ଗ ଏବଂ ଶିକ୍ଷକଙ୍କ ଭୂମିକା ଏଥିପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ହେଲେ ସେମାନେ କ'ଣ ନିଜ ନିଜ କାର୍ଯ୍ୟ ସଠିକ୍ ଭାବେ କରୁଛନ୍ତି ? ନାଁ ! ଆଉ ସେଇଥିପାଇଁ ଆଜି କିଶୋର, କିଶୋରୀ ଅବାଟରେ ପଡି ଜୀବନସାରା ହନ୍ତସନ୍ତ ହେଉଥିବା ଲକ୍ଷ୍ୟ କଲେ ଜାଣିହେବ ।

ଘରେ ପରିବାର ବର୍ଗ ପିଲାଟିକୁ ବିଦ୍ୟାଳୟକୁ ଛାଡ଼ିଦେଇ ନିଜନିଜ କାର୍ଯ୍ୟରେ ବ୍ୟସ୍ତ । ବିଦ୍ୟାଳୟରେ ଶିକ୍ଷକ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ କରିବା ଏବଂ ନିଜ ବୃତ୍ତିଗତ ଉତ୍ତରୋତ୍ତର ଉନ୍ନତି ବିଷୟରେ ଭାବୁ ଭାବୁ ସମୟ କ୍ଷୀଣ ! କେମିତି କୌଣସି ପ୍ରକାରେ କିଛି ପୋଥିଗତ ବିଦ୍ୟାକୁ ଗାଇଦେଲେ କର୍ତ୍ତବ୍ୟ ଶେଷ ! ହେଲେ ନୂତନଭାବେ ପ୍ରକୃତିକୁ ଦେଖୁଥିବା ଗଠନ କ୍ରମରେ ଥିବା ମସ୍ତିଷ୍କଟି ପଥ ଅନ୍ୱେଷଣରେ ନିମଗ୍ନ ଉପଯୁକ୍ତ ରାସ୍ତା ପାଇବ କେମିତି ? ! ଶିକ୍ଷା ବ୍ୟତୀତ ମନରେ ଉଠୁଥିବା ଆଶାତୀତ ପ୍ରଶ୍ନର ଉତ୍ତର ପାଇବ କେଉଁଠୁ ? ! ନିଜକୁ କେଉଁ ପଥର ପଥିକ କରି ଭବିଷ୍ୟତ ଉଜ୍ଜ୍ୱଳ କରିବ, ବୁଝିବ କେମିତି ? ! କିଶୋର, କିଶୋରୀଙ୍କ ମନର ଏହିସବୁ ଉଦ୍‌ବେଗଜନକ ବିଷୟ ବୁଝି ସେମାନଙ୍କ ଉପଯୁକ୍ତ ଭବିଷ୍ୟତ ଗଠନ ଦିଗରେ ପରିଚାଳିତ କରାଯିବା ଲକ୍ଷ୍ୟ ନାହିଁ କାହାର ! କି ସେମାନେ ନିଜେ ବୁଝିପାରି ନିଜକୁ ସୁଗଠିତ କରିବା ସୁଯୋଗ, ପ୍ରେରଣା ଶୂନ୍ୟ ଅମଣିଷ ସମାଜ ଯେ ଦେଶର ଭବିଷ୍ୟ ପିଢିଙ୍କୁ କେବଳ ଅଜ୍ଞାନ କରୁଛି ତା' ନୁହେଁ, ବରଂ ଏହି ଘଡ଼ିସନ୍ଧି ମୁହୂର୍ତ୍ତର ସୁଯୋଗ ନେଇ କେତେକ ଦଳୀୟ, ଗୋଷ୍ଠବଦ୍ଧ, ସାମ୍ପ୍ରଦାୟିକ ହେଉକି ଆତଙ୍କବାଦୀ ସଂଗଠନ, ସେମାନଙ୍କୁ ପଥଭ୍ରଷ୍ଟ କରି ନିଜ ସ୍ୱାର୍ଥରେ ବ୍ୟବହାରପୂର୍ବକ ସେମାନଙ୍କ ଜୀବନକୁ ଅମାନବୀୟତାରେ ଭରିଦେଇ ହନ୍ତସନ୍ତ କରିବା ସହିତ ରାଷ୍ଟ୍ରକୁ ନିମ୍ନଗାମୀ କରୁଥିବା ବୁଝିବା ସାମର୍ଥ୍ୟବିହୀନ ମଣିଷର ଗତି କେଉଁଆଡକୁ ବିଚାର କରିବା...

ଶରୀରରେ କେତେକ ହର୍ମୋନ୍‌ଗତ ପରିବର୍ତ୍ତନ ସାଙ୍ଗକୁ ମସ୍ତିଷ୍କରେ ଅଲୌକିକ ଭାବନା ସମୂହକୁ ନେଇ ଗଠନ କ୍ରମରେ ଥିବା ମଣିଷ ମସ୍ତିଷ୍କ ଯେ କେତେବେଳେ କେଉଁ ଦିଗଗାମୀ ହେବ ତାହାର ସଠିକ ଆକଳନ କରିବା ସହଜ ନୁହେଁ । କେତେକ କ୍ଷେତ୍ରରେ ତାହାର ଜିନ୍‌ଗତ, ଜନ୍ମଗତ ସ୍ୱଭାବ ମଣିଷକୁ ପ୍ରଭାବିତ କରୁଥିବା ବେଳେ ପରିବେଶ ଏବଂ ପାରିପାର୍ଶ୍ୱିକ ଅବସ୍ଥିତି, ପରିସ୍ଥିତି ମଧ୍ୟ କିଛି କମ୍ ପ୍ରଭାବ ପକାଇ ନ ଥାଏ ସେମାନଙ୍କ ଉପରେ । ତେଣୁ କେତେବେଳେ ପରିବେଶ, ପରିସ୍ଥିତିକୁ ନେଇ କିଏ କେଉଁ ବାଟରେ ପରିଚାଳିତ ହେବ ଧାର୍ଯ୍ୟ କରିବା ଅତ୍ୟନ୍ତ ଜଟିଳ । ଆଉ ଯାହାକୁ କୌଣସି ଲଗାମ୍ ନାହିଁ କି ନିୟନ୍ତ୍ରଣ, ସେମାନଙ୍କ ଗତିବିଧିର ସମୀକ୍ଷା କରିବା ଯଥେଷ୍ଟ କଷ୍ଟକର । ତେଣୁ ଏହି ମାନସିକ ଭାବଧାରା ନିୟନ୍ତ୍ରଣ ବହିର୍ଭୁତ କିଶୋର, କିଶୋରୀମାନେ କେତେବେଳେ କାହା ପ୍ରେମରେ ପଡି କେଉଁ ଦିଗଗାମୀ ହୋଇଥା'ନ୍ତି ତାହା ଆକଳନ କରିହେବ ନାହିଁ ।

ଅନେକ ସମୟରେ ଦେଖିବାକୁ ମିଳେ, କେତେକ କିଶୋର, କିଶୋରୀ ପ୍ରେମରେ ପଡି କେତେବେଳେ କିଏ ନିରୁତ୍ସାହିତ ହୋଇ ନିଜର ଜୀବନ ନଷ୍ଟ କରିଥା'ନ୍ତି ତ' ଆଉ କେତେଜଣ ପ୍ରେମରେ କୃତକାର୍ଯ୍ୟ ହୋଇ ନିଜର କ୍ଷମତା ଅନ୍ତର୍ଭୁକ୍ତ କୌଣସି କାର୍ଯ୍ୟ କରି ପାରିବାରିକ ମୋହରେ ବାନ୍ଧି ହୋଇଯା'ନ୍ତି । ଏମାନଙ୍କ ବ୍ୟତୀତ ଅନ୍ୟ ଏକ ସଂଖ୍ୟା ଗରିଷ୍ଠ ଦେଖିବାକୁ ମିଳନ୍ତି, ଯେଉଁମାନେ କୌଣସି ଦଳୀୟ, ଗୋଷ୍ଠୀଗତ କିମ୍ବା ସାମ୍ପ୍ରଦାୟିକ ବିଚାରବଦ୍ଧତା ସହିତ ନିଜକୁ ସାମିଲ କରି ପରିଶେଷରେ ସେମାନଙ୍କ ପ୍ରେରଣାକୁହିଁ ସର୍ବେସର୍ବା ବୋଲି ମନେକରିଥା'ନ୍ତି । ଖୁବ୍ କମ୍ ସଂଖ୍ୟକ ମଣିଷ କିଶୋର ବୟସରେ ନିଜର ଉଦ୍‌ବେଗକୁ ସଂକୁଚିତ କରି ନିଜସ୍ୱ ବିଚରବଦ୍ଧତା ମଧ୍ୟରେ ନିଜକୁ ବାନ୍ଧି ଏକ ନିରପେକ୍ଷ ଜୀବନ ପ୍ରସ୍ତୁତ କରିବାରେ ସକ୍ଷମ ହେଉଥିବା ଦେଖିବାକୁ ମିଳୁଛି ଆମ ସମାଜରେ ।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିରପେକ୍ଷ ବିଚାର ରଖୁଥିବା କିଶୋର, କିଶୋରୀଙ୍କ ସଂଖ୍ୟା ଖୁବ୍ କମ୍ ଦେଖିବାକୁ ମିଳୁଥିବା ବେଳେ ପ୍ରେମରେ କୃତକାର୍ଯ୍ୟ ସରସମୟ ଜୀବନ ହାସଲ କରିପାରୁଥିବା ମଧ୍ୟ ଅନୁରୂପ ସଂଖ୍ୟକ ହୋଇଥାଏ । ବିଫଳ ପ୍ରେମିକଙ୍କ ଜୀବନର ଗତିବିଧି କାହାକୁ ଗୋଚର ନଥିବା ବେଳେ ଏହି ଗୋଷ୍ଠିଗତ ବିଚାରଧାରାରେ ନିମଜ୍ଜିତ ସଂଖ୍ୟା ଗରିଷ୍ଠ କିଶୋର, କିଶୋରୀ ନିଜ ଶିକ୍ଷାକ୍ଷେତ୍ରଠାରୁ ଦୂରେଇଯାଇ କେବଳ ସେହି ଗୋଷ୍ଠିଗତ ବିଚାରଧାରାରେ ଉଦ୍‌ବୁଦ୍ଧ ନିଜ ଜୀବନକୁ ସେହି ଦିଗଗାମୀ କରାଇଥା'ନ୍ତି ଯାହା ସମ୍ପୃକ୍ତ ଗୋଷ୍ଠୀର ଲକ୍ଷ୍ୟ ଥାଏ । ଏମାନଙ୍କ କ୍ରମବିକାଶମୁଖୀ ମସ୍ତିଷ୍କରେ ସେହି ଗୋଷ୍ଠିଗତ ବିଚାରଧାରା ଏମିତି ଉଲ୍ଲେଖିତ ହୋଇଥାଏ ଯେ ସାରାଜୀବନ ସେମାନେ ବାଛିନେଇଥିବା ସମ୍ପୃକ୍ତ ଗୋଷ୍ଠୀଠାରୁ ନିଜକୁ ଦୂରେଇ ନପାରି କେବଳ ସେମାନଙ୍କ ଗୁଣଗାନ କରିଥା'ନ୍ତି । ଭଲମନ୍ଦର କୌଣସି ବିଚାରବିହୀନ କିଶୋର ସମୟର ସେହି ସମ୍ମିଳନୀଜନିତ ଜୀବନ ଶେଷପର୍ଯ୍ୟନ୍ତ ସେହି ଗୋଷ୍ଠୀ ସହିତ ନିଜକୁ ଜଡିତ ରଖି ଜୀବନକୁ ନିଜ ହାତରେ ତଳିତଳାନ୍ତ କରି ନିଜକୁ ନିଜେ ପ୍ରତାରିତ କରୁଥିବା ବିଷୟ କେବେହେଲେ ମନକୁହିଁ ଆସିନଥାଏ ସେମାନଙ୍କର, କାରଣ ସେହି ଗୋଷ୍ଠିଗତ ପ୍ରେରଣାର ଷଡ଼ଯନ୍ତ୍ର ସେହିଭଳି ରହିଥାଏ ! ଗୋଷ୍ଠିଗତ ବିଚାରଧାରା ସମ୍ପୃକ୍ତ ଗୋଷ୍ଠୀର ମୁଖିଆଙ୍କ ବିଚାରଧାରା ଉପରେ ନିର୍ଭର କରିଥାଏ ଯାହା ତାଙ୍କୁ ଯଥେଷ୍ଟ ନିଜସ୍ୱ ସ୍ୱାର୍ଥ ହାସଲ କରିବାରେ ସହାୟକ ହେଉଥିବା ବେଳେ ଏହି ସଦସ୍ୟଙ୍କୁ ମଧ୍ୟ ସେହିମାନଙ୍କ ଦ୍ୱାରା ପ୍ରଦତ୍ତ ଅଂଶରୁ କିଂଚିତ ସ୍ୱାର୍ଥ ପ୍ରଦାନପୂର୍ବକ କିଛି ପ୍ରେରଣାଦାୟୀ ବକ୍ତବ୍ୟ ଦିଆଯାଇଥାଏ ଯେଉଁଥିରେ ଅନୁପ୍ରାଣିତ ଏହି ନିର୍ବୋଧ ସେମାନଙ୍କ ସହିତ ଜୀବନସାରା ବାନ୍ଧି ହୋଇ ନିଜ ଜୀବନକୁ ନଷ୍ଟ କରିଥା'ନ୍ତି । ତେଣୁ ଏହି କ୍ରମବିକାଶଶୀଳ ମସ୍ତିଷ୍କମାନଙ୍କୁ ନିଜସ୍ୱ ଭବିଷ୍ୟ ଗଠନ କରି ଜ୍ଞାନ ଆହରଣ କରିବାର କୌଣସି ପଥପ୍ରଦର୍ଶକ ପରିବେଶ ସୃଷ୍ଟି କରାନଯାଇ କେତେକ ଗୋଷ୍ଠୀଙ୍କ ଦ୍ୱାରା ପ୍ରତାରିତ କରି ରଖାଯାଉଥିବା ଅନୁଧ୍ୟାନ କଲେ ଜାଣିହେବ । ଏଥିରୁ ନିସ୍ତାର ନାହିଁ, ଯେପର୍ଯ୍ୟନ୍ତ ସାଧାରଣ ଲୋକେ ଏଗୁଡ଼ିକୁ ପ୍ରତିବାଦପୂର୍ବକ ନିଜ ସନ୍ତାନମାନଙ୍କୁ କୌଣସି ଦଳ, ଗୋଷ୍ଠୀ, ସଂଗଠନ କିମ୍ବା ସାମ୍ପ୍ରଦାୟିକ ମନୋଭାବ ତଥା ସଂଶ୍ଳିଷ୍ଟତାଠାରୁ ଦୂରେଇ ରଖିବା ପ୍ରୟାସ କରିଛନ୍ତି ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା...।

**ପଙ୍କଜ କୁମାର ପାଣିଗ୍ରାହୀ**, ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ, ଦୂରଭାଷ.: ୯୪୩୭୩୨୪୯୧୭

## ଆଜିର ଅନୁଚିନ୍ତା

**ଭୟ ଯାହାକୁ ଭୟ କରେ, ତାକୁ ହିଁ ଆମ୍ଭେମାନେ ଭୟ କରିବା ଉଚିତ ।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।
E-mail: editorpbkc@gmail.com
9853400829 (M), Fax: 0674-2550504

# ଭୀମଭୋଇଙ୍କ ଭୁବନବିଖ୍ୟାତ ଭାବୋଚ୍ଛ୍ୱାସ

..............ମାୟାଧର ନାୟକ..............

*"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁଦେଖୁ କେବା ସହୁ । ମୋ ଜୀବନ ପଛେ ନର୍କେ ପଡିଥାଉ; ଜଗତ ଉଦ୍ଧାର ହେଉ ।"*



ଏଇଭଳି ପଦେ କବିତା ପୃଥିବୀରେ ଆଉ କିଏ କେଉଁଠି ଲେଖିଛନ୍ତି ଏପର୍ଯ୍ୟନ୍ତ, ବିଶେଷକରି ମୋ ଦୃଷ୍ଟିକୁ ଆସିନାହିଁ । ଏଭଳି ସମ୍ବେଦନଶୀଳ ସ୍ରଷ୍ଟା ବିଶ୍ୱସାହିତ୍ୟ ଆକାଶରେ ଦେଖାଦେବା ସମ୍ଭବ ହୋଇଥିବା ଯୋଗୁ କେବଳ ଓଡିଶା ନୁହେଁ, ଆମେ ସାରା ବିଶ୍ୱର ଜନଗଣ ସେହି ଦୁଃସାହସିକ, ବିପ୍ଲବୀ, ସାଧକ, ପିତୃମାତୃହରା, ନିର୍ଯ୍ୟାତିତ, ମୂଲିଆ, ଗାଇଚରାଳି, ଅପାଠୁଆ, ମହାଜ୍ଞାନୀ, ଆଦିବାସୀଙ୍କ ମଉଡମଣି ଅନ୍ଧ, କନ୍ଧ ଓ ସନ୍ଥକବି ଦରଦୀ କବି, ସାଲିସ୍ ବିହୀନ କବି, ଗଣକବି ଭୀମଭୋଇଙ୍କ ମହାନୁଭବ ନିକଟରେ ଚିରଦିନ ଋଣୀ ରହିଥିବା ।

ଏଇ ଭୁବନବିଖ୍ୟାତ ଭାବୋଚ୍ଛ୍ୱାସମୟ ପଦାବଳୀ କଲିକତାର ଜାତୀୟ ପାଠାଗାର ସମ୍ମୁଖରେ ଯେଭଳି ଶୋଭାପାଉଛି, ଜାତିସଂଘରେ ମଧ୍ୟ ସେହିଭଳି ସ୍ୱତନ୍ତ୍ର ମର୍ଯ୍ୟାଦାର ସହ ସ୍ଥାନ ପାଇଛି । ଏହା କମ୍ ବଡ ଗର୍ବ ଓ ଗୌରବର କଥା ନୁହେଁ–ଏହାହିଁ ଆଧୁନିକ ।

ସନ୍ଥକବି ଭୀମଭୋଇ ୧୮୫୦ ମସିହାରେ ଜନ୍ମଗ୍ରହଣ କରି ୧୮୯୫ ମସିହାରେ ମାତ୍ର ୪୫ ବର୍ଷ ବୟସରେ ପ୍ରାଣତ୍ୟାଗ କରିଛନ୍ତି । ସ୍ତୁତିଚିନ୍ତାମଣି, ଶ୍ରୁତିନିଷେଧ ଗୀତା, ଆଦିଅନ୍ତ ଗୀତା, ବ୍ରହ୍ମନିରୂପଣ ଗୀତା, ନିର୍ବେଦସାଧକ, ପଦ୍ମକଳ୍ପ ଭଳି ଅନେକ କାବ୍ୟକବିତା ରଚନା କରିଯାଇଛନ୍ତି । ତାଙ୍କ ତୁଣ୍ଡରୁ ଯେଉଁ ଗଙ୍ଗାର ଧାରା ନିର୍ଗତ ହୋଇଛି, ତାହା କେବଳ ଭାରତରେ ପ୍ରବାହିତ ହୋଇନି, ସମଗ୍ର ବିଶ୍ୱକୁ ଶୀତଳ ଜଳରେ ସିଂଚନ କରିଦେଇଛି ।

ଓଡିଶାର ଅନ୍ୟତମ ବରପୁତ୍ର ଡକ୍ଟର ମାୟାଧର ମାନସିଂହ ଭୀମଭୋଇଙ୍କ ଶ୍ରେଷ୍ଠ ପଦାବଳୀକୁ ଇଂରାଜୀରେ ଅନୁବାଦ କରି ଆନ୍ତର୍ଜାତୀୟ ସ୍ତରରେ ଜାତିସଂଘରେ ଲିପିବଦ୍ଧ କରାଇଛନ୍ତି । ମର୍ମାନୁବାଦ "Who indeed can bear to see such misery among the world's creatures? Let me stay in hell for ever, if the world thereby be saved." କାର୍ଲ ମାର୍କ୍ସଙ୍କ ଚିନ୍ତାଧାରା ଭଳି ଭୀମଭୋଇ ମଧ୍ୟ ଶ୍ରେଣୀହୀନ ସମାଜବ୍ୟବସ୍ଥାର ପ୍ରବର୍ତ୍ତକ, ସମାଜବାଦୀ ଆନ୍ଦୋଳନର ପ୍ରବକ୍ତା ଏବଂ ମାନବବାଦର ପ୍ରଚାରକ ଥିଲେ । ଜଣେ ନିରକ୍ଷର, ଅନ୍ଧ, କନ୍ଧ ଆଦିବାସୀ କବି ବିଶ୍ୱଚିନ୍ତାରେ ନିମଗ୍ନ ହେବା କ୍ୱଚିତ୍ ଦେଖାଯାଏ । ତାଙ୍କୁ ମଧ୍ୟ ସାଧାରଣ ମଣିଷର ସଭାକବି କହିଲେ ଅତ୍ୟୁକ୍ତି ହେବନାହିଁ ।

ଭୀମଭୋଇ ଗୋଟିଏ କଥା ପ୍ରମାଣ କରିଯାଇଛନ୍ତି–ଯେଉଁଠି ବିପର୍ଯ୍ୟୟ, ସେଇଠି ଜୟଜୟ । ସେ ଯେତେବେଳେ ନାରଦ ଭୂମିକାରେ ଅବତୀର୍ଣ୍ଣ ହୋଇ ସତ୍ୟକୁ ସତ୍ୟ ମିଥ୍ୟାକୁ ମିଥ୍ୟା କହିଚାଲୁଥିଲେ, ଗାଇଗାଇ କଣ୍ଠ ଫଟାଇ ଦେଉଥିଲେ, ସେତେବେଳେ ରାଜାରାଜୁଡା, ବ୍ରିଟିଶ୍ ଗୁପ୍ତଚରମାନଙ୍କ ଠାରୁ କମ୍ ଗାଳି ଖାଇନାହାଁନ୍ତି–ତାଙ୍କୁ ସମସ୍ତେ ବିଶେଷକରି ସାମନ୍ତବାଦୀ, ସାମ୍ରାଜ୍ୟବାଦୀମାନେ ନିର୍ଯାତନା ଦେଇ କୋଣଠେସା କରିଦେଇଛନ୍ତି, କିନ୍ତୁ ସେ ସାଧନାପଥରୁ କେବେ ବିରତ ହୋଇନାହାଁନ୍ତି ।

ଭୀମଭୋଇ ସାହିତ୍ୟରେ ବିଶ୍ୱଚେତନା ଭରପୁର । ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଯନ୍ତ୍ରଣାକୁ ଅନୁଭବ କରି ସେ ସହ୍ୟକରି ପାରିନାହାଁନ୍ତି । ସେ ସମସ୍ତଙ୍କ ଦୁଃଖମୋଚନ କରିବା ପାଇଁ ପ୍ରାଣର ପ୍ରାର୍ଥନା କରିଛନ୍ତି । ବିଶ୍ୱର ଦୁଃଖକୁ ସେ ଅନ୍ତରରେ ଅନୁଭବ କରି ତାଙ୍କ ପଦାବଳୀରେ ଶୁଣାଇଛନ୍ତି, ଆଜି ମଧ୍ୟ କୌଣସି ବିପ୍ଳବୀକବି ସେଭଳି ପଦାବଳୀ ରଚନା କରିପାରିନାହଁନ୍ତି । ତେଣୁ ତାଙ୍କ ପଦ୍ୟ କାଳଜୟୀ । ଆଜିବି ସୂର୍ଯ୍ୟାଲୋକ ପରି ଜକ୍‌ଜକ୍ ହୋଇ ରହିଛି, ଏ ବିଶ୍ୱବ୍ରହ୍ମାଣ୍ଡ ଥିଲା ପର୍ଯ୍ୟନ୍ତ ରହିଥିବ ମଧ୍ୟ ।

ଭୀମଭୋଇ ଥିଲେ ଓଡିଆ ଆଧୁନିକ କବିତାର ଜନକ । କେବଳ ଓଡିଆ ସାହିତ୍ୟ ନୁହେଁ, ବିଶ୍ୱସାହିତ୍ୟରେ ତାଙ୍କର କେବଳ ପଦେ କବିତା "ପ୍ରାଣୀଙ୍କ ଆରତ... ଜଗତ ଉଦ୍ଧାର ହେଉ" ଆଜି ମଧ୍ୟ ବିଶ୍ୱର ଆଧୁନିକ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରି ରହିଛି । ଆଧୁନିକ କାବ୍ୟଜଗତର ମଉଡମଣି ଆଦିବାସୀ କବି ଭୀମଭୋଇଙ୍କର ଅନ୍ତଃଦୃଷ୍ଟି ଓ ବହିଃଦୃଷ୍ଟି ମଧ୍ୟରେ ତାରତମ୍ୟ ନାହିଁ । ଅନ୍ତର ଯେଭଳି ବାହାରକୁ ପ୍ରଭାବିତ କରୁଥାଏ, ବାହାର ସେଇଭଳି ଅନ୍ତରକୁ ଭେଦ କରିଯାଏ । ଭୀମଭୋଇଙ୍କ ଅନ୍ତର ବାହାର ଏକାକାର ହୋଇଯାଇଥିଲା । ଏହାହିଁ ତାଙ୍କର ବୈଶିଷ୍ଟ୍ୟ ।

ସଂକଟ, ସଂପତି, ଦାନବମାନବ, ଶତ୍ରୁ ମିତ୍ର, ସୁଖଦୁଃଖ, ହର୍ଷବିଷାଦ, ପାପପୁଣ୍ୟ, ସତ୍ୟମିଥ୍ୟା ସବୁ ଏକାକାର ହୋଇଯାଇଛି ଭୀମଭୋଇଙ୍କଠାରେ । ଶୀତକାକର, ଖରାବର୍ଷା, ପାଣିପବନ ତାଙ୍କୁ ବାଧୁ ନ ଥିଲା, କେବଳ ବାଧୁଥିଲା ପ୍ରାଣୀଙ୍କ କଷଣ । କେବଳ ସତ୍ୟପଥରେ ହିଁ ଜଗତର ମଙ୍ଗଳ ହେବ ବୋଲି ଦୃଢମନା ହୋଇ ସତ୍ୟର ଜୟଜୟକାର, ଜୀବନର ଜୟଗାନ କରି ଚାଲିଛନ୍ତି । ସେଦିନର ଜୟଗାନ ଆଜି କୋଟିକଣ୍ଠରେ ଗୁଞ୍ଜରଣ ସୃଷ୍ଟି କରିଛି ।

ଭୀମଭୋଇ ଅନ୍ଧ ଥିଲେ, କି କନ୍ଧ ଥିଲେ, ପାଠୁଆ ଥିଲେ କି ମୂର୍ଖ ଥିଲେ, ସଂସାର ଜଞ୍ଜାଳରେ ଜଡିତ ଥିଲେ କି ନାହିଁ, ଏ ସଂପର୍କରେ ବହୁ ଜ୍ଞାନୀପଣ୍ଡିତ ବ୍ୟକ୍ତି ବର୍ଣ୍ଣନା କରିଯାଇଛନ୍ତି । ଆମେ ଏଠାରେ ଏସବୁ ରହସ୍ୟକୁ ଉନ୍ମୋଚନ ନକରି କେବଳ ତାଙ୍କର ଚିନ୍ତା, ଚେତନାରେ ସାହିତ୍ୟ, ପୁରାଣ, ଲୋକସାହିତ୍ୟକୁ ଏକାକାର କରି ତାଙ୍କ ଅଜଣାରେ ସେ ଆଧୁନିକ ସାହିତ୍ୟର ଅଗ୍ରଦୂତ ହୋଇଛନ୍ତି, କେବଳ ବହୁ କାବ୍ୟକବିତା, ଜଣାଣ ଭଜନ, ମହିମା ଧର୍ମପ୍ରଚାରକୁ ଏଠାରେ ନ ବଖାଣି, ପଦେ କବିତା ଆଜି କୋଟି କଣ୍ଠରେ ବସା ବାନ୍ଧି ଦେଇଥିବାରୁ ସେ ମହାନ୍ ହୋଇଯାଇଛନ୍ତି ବୋଲି ଆମର ମନେହୁଏ । ଯଦିଓ ତାଙ୍କର ଜନ୍ମବୃତ୍ତାନ୍ତ ରହସ୍ୟମୟ, ଜନ୍ମିତ ସ୍ଥାନ ନେଇ ବହୁ ବାଦବିବାଦ ଏବଂ ତାଙ୍କର ଜୀବନରେ ଅନେକ ଅଲୌକିକ ଘଟଣା ଘଟିଯାଇଛି, ଏସବୁ ଇତିହାସର ବିଷୟବସ୍ତୁ । କିନ୍ତୁ ଆମେ ସେଆଡକୁ ପଶି ମନ୍ଥନ କରିବା ଅପେକ୍ଷା ତାଙ୍କ ଜୀବନମନ୍ଥନରୁ ଯେଉଁ ଅମୃତବାଣୀ ପାଇଛେ, ସେହି ହିଁ ଆମର କାଳଜୟୀ ସଂପତି ଏବଂ ସେହି ହିଁ ଆମ ସମ୍ମୁଖରେ ମହାତ୍ମା ଭୀମ ଭୋଇ ।

ଆଜି ଓଡିଶାର ଜ୍ଞାନୀ, ଗୁଣୀ, ବିଜ୍ଞଜନମାନେ ଭୀମ ଭୋଇଙ୍କୁ ଯଥାର୍ଥ ସମ୍ମାନ ଦେଇପାରିନାହାନ୍ତି । ତାଙ୍କ ରଚନାର ସତ୍ୟାସତ୍ୟ ରହସ୍ୟ ମଧ୍ୟ ଏପର୍ଯ୍ୟନ୍ତ ଗବେଷକମାନେ ଭେଦ କରିପାରିନାହାନ୍ତି ।



ଏପର୍ଯ୍ୟନ୍ତ ଆମେ ମହାତ୍ମା ଭୀମଭୋଇଙ୍କୁ ଠାବ କରିପାରିନାହାଁନ୍ତି । ଆମ ଓଡିଶାର ବହୁ ପ୍ରାଚୀନ, ଆଧୁନିକ କବି, ଲେଖକ, ବିଦେଶ ସାହିତ୍ୟକୁ ଅବଶ୍ୟ ଅନୁକରଣ କରିଛନ୍ତ; କିନ୍ତୁ ଏଇ ମାଟିର ଭୀମଭୋଇଙ୍କୁ ଚିହ୍ନିପାରିଲେ ନାହିଁ । ସେଇଥିପାଇଁ ଆଜି ଯେଉଁମାନେ ଆଧୁନିକ ସାହିତ୍ୟର ପ୍ରବକ୍ତା ବୋଲି ଡିଣ୍ଡିମ ପିଟୁଛନ୍ତି– ସେମାନଙ୍କ ପିତାମହ ଭୀମ ଭୋଇଙ୍କୁ ଭୁଲିଯାଉଛନ୍ତି ।

ପ୍ରାଣୀଙ୍କ ଆରତକୁ ଉଲ୍ଲେଖ କରିଥିବା ଭୀମ ଭୋଇଙ୍କର ପୃଥିବୀପ୍ରସିଦ୍ଧ ପଦାବଳୀ ବାହାରକୁ ସରଳ ମନେହେଉଥିଲେ ହେଁ ଏହାର ଭିତରଟା ଏକ ବ୍ୟଞ୍ଜନାତ୍ମକ ବ୍ୟାପ୍ତିକୁ ସୂଚାଇଦିଏ । ପ୍ରଥମ ପଦରେ ସୂଚିତ 'ପ୍ରାଣୀ' ହେଉଛି ସମୁଦାୟ ପ୍ରାଣଧାରୀ ସତ୍ତାର ପ୍ରତୀକ । ଅନ୍ନମୟ କୋଷରୁ ଉନ୍ନିତ ହୋଇ ପ୍ରାଣମୟ କୋଷରେ ଉପନୀତ ଏ ବିଶାଳ ଜୀବଜଗତ 'ଆରତ'ରେ ଅତିଷ୍ଠ-ଅର୍ଥାତ୍ ଜୀବନ ଓ ମୃତ୍ୟୁର ମଧ୍ୟବର୍ତ୍ତୀ ଇଲାକାରେ ଜୀବ ଭୟ, ଆତଙ୍କ ଓ ଆଶଂକାରେ ଅନବରତ ଉତ୍ପୀଡିତ । କବି ଭୀମ ଭୋଇ ଏହି ଭୟାର୍ତ୍ତ ଜୀବନର ଆତ୍ମିକ ଦୁଃସ୍ଥିତିକୁ ଅସହ୍ୟ ମଣିଛନ୍ତି । କ୍ଳେଶ, କଷ୍ଟ, କଷଣରେ କବଳିତ ପ୍ରାଣୀ । ମାତ୍ର 'ଆରତ' ଶବ୍ଦ ପରେ ଯେଉଁଠି ସେ 'ଦୁଃଖ' ଶବ୍ଦ ଉଚ୍ଚାରଣ କରିଛନ୍ତି ଏବଂ ଏହି 'ଦୁଃଖ'କୁ ଅପ୍ରମିତ ବୋଲି ତାତ୍ପର୍ଯ୍ୟଟିଏ ଦେଇଛନ୍ତି, ସେଠି ସରଳ ଶବ୍ଦଟିରେ ବ୍ରହ୍ମବ୍ୟଞ୍ଜନାଟିଏ ଛାଡିଯାଇଛନ୍ତି । କ'ଣ ସେ ବ୍ୟଞ୍ଜନା ? ସେ ବ୍ୟଞ୍ଜନା-ଦୁଃଖ କିଏ ଅନୁଭବ କରେ ? ଗଧ ? ଘୋଡା ? ହାତୀ ନା କୁମ୍ଭୀର ? ମାନବେତର ପ୍ରାଣୀ 'ଆରତ'ରେ ଆକ୍ରାନ୍ତ ହେଉଥିବା ବେଳେ ମଣିଷର ହିଁ ଥାଏ 'ଦୁଃଖ'ର ଅବବୋଧ । ବୁଦ୍ଧ ଏହି ଦୁଃଖକୁ କାମନାର କାରକ ରୂପେ କୀର୍ତ୍ତିତ କରିଯାଇଛନ୍ତି । କାମନାର କ୍ରମବୃଦ୍ଧି ମଣିଷଜୀବନରେ ଆଣେ ଭ୍ରମବୃଦ୍ଧି- ଆଣେ ଦୁଃଖ । କବି ଭୀମ ଭୋଇ 'ଆରତ' ଶବ୍ଦରେ ପ୍ରାଣପୀଡାକୁ ସୂଚାଇଥିବାବେଳେ 'ଦୁଃଖ' ଶବ୍ଦଟିରେ ଆତ୍ମପୀଡାକୁ ଆଭାସିତ କରିଛନ୍ତି- ଯାହା ମଣିଷଜୀବନ ସହିତ ଏକାନ୍ତ ପ୍ରାଯୁଜ୍ୟ ରକ୍ଷାକରେ ।

ବୈଷ୍ଣବଧର୍ମର ବୈତାଳିକ ଚଣ୍ଡୀ ଦାସ 'ସବାର ଉପରେ ମାନୁଷ ସତ୍ୟ' ଉଦ୍‌ଘୋଷଣ କରି ମଣିଷକୁ ଜୀବନର ମୁଖ୍ୟକେନ୍ଦ୍ର ବୋଲି ବ୍ୟକ୍ତ କରିଥିବାବେଳେ ମହିମାଧର୍ମର ମହାତ୍ମା ଭୀମ ଭୋଇ ତାଙ୍କର ପୃଥିବୀପ୍ରସିଦ୍ଧ ପଦଟିରେ କେଉଁଠି ବି 'ମଣିଷ' ଶବ୍ଦ ଉଚ୍ଚାରଣ ନ କରି ସୁଦ୍ଧା 'ଦୁଃଖ ଅପ୍ରମିତ' ଉଲ୍ଲେଖ କରିବା ଦ୍ୱାରା ମାନବିକ ମର୍ମବେଦନାର ଅବବୋଧକୁ ହିଁ ବ୍ୟଞ୍ଜିତ କରିଯାଇଛନ୍ତି । ଇଏ କିଛି କମ୍ କଥା କି ? ଏଥିରେ ଉଲ୍ଲିଖିତ ହୋଇଛି ଊର୍ଦ୍ଧ୍ୱଚେତନାର ଅଭିବ୍ୟକ୍ତି । ପୁଣି 'ଅପ୍ରମିତ' ଶବ୍ଦଟି ଜନ୍ମଜନ୍ମାନ୍ତରର ଯାତନାକୁ ସୂଚାଉଛି । ଜନ୍ମପୁନର୍ଜନ୍ମର ବନ୍ଧନୀରେ ମଣିଷର ଆତ୍ମା ଘଟରୁ ଘଟାନ୍ତର ପରିଗ୍ରହ କରେ ଏବଂ ପ୍ରତ୍ୟେକ ଜୀବନକୁ ଜୀବନ୍ତ ମରଣ ତୁଲ୍ୟ ଅନୁଭବ କରିଥାଏ । ହିନ୍ଦୁତତ୍ତ୍ୱର ଏହି ଜନ୍ମଜନ୍ମାନ୍ତରର ଚକ୍ରବନ୍ଧନକୁ 'ଦୁଃଖ ଅପ୍ରମିତ' ଭଳି ଶବ୍ଦଯୁଗଳ ମାଧ୍ୟମରେ ବଡ ବ୍ୟଞ୍ଜନାତ୍ମକ ଭାବରେ କହିଛନ୍ତି ଭୀମ ଭୋଇ । 'ଅପ୍ରମିତ'–ଗଣି ହେଉନାହିଁ, କଳି ହେଉନାହିଁ–ଏ ଜନ୍ମର ଦୁଃଖ ନୁହେଁ ଖାଲି–ଏକ ପରେ ଏକ ଅନେକ ଅନେକ ଜନ୍ମର ଯାତନାରେ ଜର୍ଜରିତ ଏହି ଚିତ୍ରକଳ୍ପ–'ଅପ୍ରମିତ' !

ଦେହରେ ବଂଚୁଥିବା ସତା ହୁଏତ ସହିନେଇପାରେ ଏ ଜୀବନଯାତନା; ମାତ୍ର ଆତ୍ମାରେ ବିହରୁଥିବା ପୁରୁଷ କ'ଣ ସହିପାରିବ ଏ ଆରତ ? ଏ ଦୁଃଖ ଅପ୍ରମିତ ? ଭୀମ ଭୋଇ ମହିମାଧର୍ମର ମହାତ୍ମା– ସାଧାରଣ ପଦ୍ୟକାର କି କୋଷ୍ଠବଦ୍ଧ କବି ହୋଇଥିଲେ କ'ଣ ତାଙ୍କ ଲେଖନୀରୁ ଏପ୍ରକାର ଲୋତକବର୍ଷଣ ହୋଇପାରିଥା'ନ୍ତା ? ସେଥିପାଇଁ ସେ କହିଛନ୍ତି– 'ଦେଖୁଦେଖୁ କେ ବା ସହୁ ? ହେଲେ ଏ 'ଦେଖିବା' କ'ଣ ଖାଲି ଚାହିଁବା ନା ଅନାଇବା ? ଏ 'ଦେଖିବା' ହେଉଛି 'ଦ୍ରଷ୍ଟା'ର ଦୃଷ୍ଟାନ୍ତ-ବେଦରେ କବିକୁ କୁହାଯାଇଛି 'କ୍ରାନ୍ତଦର୍ଶୀ' । କବି ଏଠି ଦ୍ରଷ୍ଟା । ଭବିଷ୍ୟ- ଦୃଷ୍ଟିର ଭାବଉଚ୍ଛଳ ଦ୍ରଷ୍ଟା–ଭୀମ ଭୋଇ ଏହି ଭାବବାଦୀ ଭବିଷ୍ୟଦୃଷ୍ଟିର ଅବିସ୍ମରଣୀୟ କବିର୍ମନୀଷୀ ।

ଏହି ପୃଥିବୀପ୍ରଖ୍ୟାତ ପଦର ପରବର୍ତ୍ତୀ ପାଦରେ ଭୀମ ଭୋଇ ନିଗାଡି ଦେଇଛନ୍ତି ମହାମାନବିକ ମନ୍ତ୍ରଧ୍ୱନି– 'ମୋ ଜୀବନ ପଛେ ନର୍କେ ପଡିଥାଉ'... । ଏ ଜୀବନ ସହିତ ଅବବୋଧରେ ସଂପୂର୍ଣ୍ଣ ସାମିଲ୍ ହୋଇଯାଇ 'ମୋ ଜୀବନ' ଉଚ୍ଚାରଣ କଲେ ମହାତ୍ମା କବି । ଏଠି ବ୍ୟକ୍ତିପୁରୁଷ ବିବର୍ତ୍ତିତ ହୋଇ ପାଲଟିଛି ସମୂହସତାର ପ୍ରତିନିଧି । ଅହଂର ଅନ୍ତ ଘଟିଛି ଅଶ୍ରୁରେ । ଅନ୍ତରାତ୍ମାରୁ ଆସିଛି ଚୈତ୍ୟପୁରୁଷର ମର୍ମ-ମାଙ୍ଗଳିକ– 'ଜଗତ ଉଦ୍ଧାର ହେଉ'...

ଏହି ପଦରେ ବ୍ୟବହୃତ ୧୬ଟି ଯାକ ଶବ୍ଦ ମନ୍ତ୍ର ଶବ୍ଦ । ପ୍ରତ୍ୟେକ ଶବ୍ଦ ଏଠାରେ ସ୍ୱକୀୟ ବ୍ରହ୍ମର ଶରୀରାତ୍ମକ ପ୍ରକାଶ । ଏଠାରେ 'ନର୍କ' କହିଲେ ସମକାଳର ଅସାର ସଂସାର ଦ୍ୱାରା ଉପୁଜିଥିବା ମୋହ ଓ ମମତାହୀନତାର ମାନଚିତ୍ରଟାଏ । ଆମେ ଯଦି ପୃଥିବୀରେ ସ୍ୱର୍ଗ ସକାଶେ ସଂଗ୍ରାମ କରିବା, ଆମକୁ ତେବେ ମଇଦାନ କରିବାକୁ ପଡିବ ଏଠାକାର ନର୍କକୁ । ଏ 'ନର୍କ' ପୁରାଣର ପରିକଳ୍ପ ନୁହେଁ, ଛିନ୍ନଭିନ୍ନ ଜୀବନର ଚିତ୍ରକଳ୍ପ ।

ଭୀମ ଭୋଇଙ୍କୁ କୋଟି ଦଣ୍ଡବତ । ସେ ଚେତନାର ଚାରଣ । ଜୀବନର ଜାଗରଣ ଚାହିଁଛନ୍ତି ସେ, ଅଙ୍ଗୀକାର କରିଛନ୍ତି ଆତ୍ମୋତ୍ସର୍ଗକୁ । ଯିଏ ଯେତେବଡ କବି, ପଣ୍ଡିତ ବୋଲାଉଥାଉ, ବରଂ ଟନଟନ କାଗଜରେ ବହି ଛପାଇ ବାଂଟୁଥାଉ, କିନ୍ତୁ ଅନ୍ୟତମ ବିଶ୍ୱକବି ଭୀମ ଭୋଇଙ୍କ ପଦାବଳୀ... "ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ"ର ମାର୍ମିକ ଅର୍ଥକୁ ହୃଦୟଙ୍ଗମ କରି ଜଗତ ଉଦ୍ଧାର ପାଇଁ କାବ୍ୟରେ କବିତାରେ ସତ୍ୟ ରଚିଗଲେ ତାହାହିଁ ହେବ ଭୀମ ଭୋଇଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ।

*–ଯାଜପୁର ରୋଡ, ଯାଜପୁର, ମୋ: ୯୮୬୧୦୩୪୧୬୩*

# ମାନସିକ ସୁସ୍ଥତା ଓ ସାମାଜିକ ସହାବସ୍ଥାନ

ଶରୀର ଓ ମନ ଉଭୟର ସୁସ୍ଥତାକୁ ସ୍ୱାସ୍ଥ୍ୟ କୁହାଯାଏ । କୁହାଯାଏ: ସୁସ୍ଥ ଶରୀରରେ ସୁସ୍ଥ ମନଟିଏ ବାସକରେ । ଅନ୍ୟପକ୍ଷରେ ମାନସିକ ସୁସ୍ଥତା ନଥିଲେ ଶରୀର ଠିକ୍ ରୁହେ ନାହିଁ । ଚିନ୍ତାଗ୍ରସ୍ତ ବା ଚାପଗ୍ରସ୍ତ ଅଥବା କୌଣସି କାରଣବଶତଃ ବିକାର ବା ବିକୃତଗ୍ରସ୍ତ ମାନସିକତା ହିଁ ମାନସିକ ଅସୁସ୍ଥତାର କାରଣ ଅଟେ । ଶାରୀରିକ ସୁସ୍ଥତା ଅପେକ୍ଷା ମାନସିକ ସୁସ୍ଥତାର ଗୁରୁତ୍ୱ ବେଶୀ । ମାନସିକ ସୁସ୍ଥତା ଥିଲେ ମନ ଭଲ ରହେ । ଏହା ସମସ୍ତ କାର୍ଯ୍ୟ କରିବାକୁ ସାମର୍ଥ୍ୟ ଯୋଗାଏ ଏବଂ ସବୁକିଛି ଭଲ ପାଇବାକୁ ଶିଖାଏ । ମେଣ୍ଟାଲ ସ୍ୱାସ୍ଥ୍ୟ ସଂପର୍କରେ ୟୁ.ଏସ୍.ସର୍ଜନ ଜେନେରାଲ କୁହନ୍ତି (୧୯୯୯)- "Mental health is the sucessful performance of metal funcation, resulting in productive activities, fulfiling ralationaships with other people, and providing the abitily to adopt to change and cope with adversit."



ଅନ୍ୟପକ୍ଷରେ ମାନସିକ ଅସୁସ୍ଥତା କହିଲେ ଏହା ମାନସିକ ସ୍ତରର ସବୁପ୍ରକାର ରୁଗ୍‌ଣର ବା ବିଶୃଙ୍ଖଳାକୁ ବୁଝାଏ । : "It collectively refers to all diagnosable mental disorders- health conditions characterized by alterations in thinking, mood or behaviour associated with distress or impaired functioning." ଏହି ସମସ୍ତ ରୋଗ, ମାନସିକ ଅସୁସ୍ଥତା ଏବଂ ଚିନ୍ତା ତଥା ଚାପର କାରଣ ହୋଇଥାଏ ।

୧. ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(W.H.O) ଅନୁଯାୟୀ: "Mental health includes, 'subjective wellbeing, perceived self-efficasy, autonomy, competence,inter-generational dependance, and self-actualization of once intellectual and emotional potential, among others."

ମାନସିକ ଅସୁସ୍ଥତା ବ୍ୟକ୍ତିଟିଏ ନିଜକୁ ନାନା ପ୍ରକାର ମାନସିକ ଚାପ ବା ଉତ୍ତେଜନା, ନିଃସଙ୍ଗତା, ଅବସନ୍ନତା, ଉଦ୍‌ବେଗତା, ଚିନ୍ତିକିତା, ସଂପର୍କ ଓ ସମସ୍ୟା, ଆପଣା ଲୋକର ମୃତ୍ୟୁଜନିତ ବ୍ୟାକୁଳତା, ଆତ୍ମହତ୍ୟା ସଂପର୍କିତ ଚିନ୍ତା, ଦୁଃଖ ନିଶାସକ୍ତତା, ଏଡ୍‌ଏଚ୍‌ଡି, ମାନସିକ ଅବସ୍ଥାରେ ଅସ୍ଥିରତା ଏବଂ ଏମିତି ଯେତେ ତଥା ଯେତେ ଅକ୍ଷମତାର ଶିକାର ହୁଏ । ଏସବୁରୁ ମୁକ୍ତି ପାଇଁ ଚିକିତ୍ସକ (ଥେରାପିଷ୍ଟସ), ମାନସିକ ରୋଗ ବିଶେଷଜ୍ଞ (ସାଇକିଆ ଟ୍ରିଷ୍ଟସ୍), ମନସ୍ତତ୍ତ୍ୱବିତ୍ (ସାଇକୋ ଲୋଜିଷ୍ଟସ୍), ସାମାଜିକ କର୍ମୀ (ସୋସିଆଲ୍ ୱାର୍କର), ପେଶାଧାରୀ ସେବିକା (ନର୍ସ ପ୍ରାକ୍ଟିସନ୍‌ର) ବା ଡାକ୍ତରମାନଙ୍କ ସହଯୋଗ ନିଆଯାଇପାରେ ଏବଂ ଥେରାପି, ପରାମର୍ଶ ବା ଔଷଧ ସେବନ ଦ୍ୱାରା ଆୟତ୍ତ ଅଣାଯାଇପାରେ ।

ଦେଖାଯାଇଛି ଯେ ମାନସିକ ଅସୁସ୍ଥତା ରୋଗୀଙ୍କ ସଂଖ୍ୟା ଏବେ କ୍ୟାନସର, ମଧୁମେହ ବା ହୃଦ୍‌ରୋଗଙ୍କ ସଂଖ୍ୟା ଅପେକ୍ଷା ଦିନକୁ ଦିନ ଢ଼େର ବଢ଼ିଚାଲିଛି । ଯୁକ୍ତରାଷ୍ଟ୍ର ଆମେରିକାରେ ଏ ପ୍ରକାର ରୋଗୀଙ୍କ ସଂଖ୍ୟା ପ୍ରାୟ ୨୬ ଶତାଂଶ, ବିଶେଷକରି ୧୮ ଏବଂ ତଦୁର୍ଦ୍ଧ୍ୱ ବୟସର ବ୍ୟକ୍ତିମାନଙ୍କ ସଂଖ୍ୟା ଅଧିକ । ପାଖାପାଖି ୬ ଶତାଂଶ ବୟସ୍କ ଲୋକ ମଧ୍ୟ ଏହାଦ୍ୱାରା ଆକ୍ରମିତ ଅର୍ଥାତ୍ ପ୍ରତି ୧୭ ଜଣରେ ଜଣେ ମାନସିକ ବେମାରୀ ଥାଆନ୍ତି, ଏମାନଙ୍କ ମଧ୍ୟରୁ କ୍ୱଚିତ ଚିକିତ୍ସାର ସୁଯୋଗ ପାଇଥାନ୍ତି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆକଳନରୁ ଜଣାଯାଏ ଯେ ପାଖାପାଖି ବିଶ୍ୱ ଜନସଂଖ୍ୟାର ଅର୍ଦ୍ଧେକ ମାନସିକ ରୋଗାକ୍ରାନ୍ତ । ଏହାର ବହୁବିଧ କାରଣ ଅଛି । ତେବେ ଜଣେ ବ୍ୟକ୍ତି ନିଜସ୍ୱ କାରଣରୁ ଅଧିକାଂଶ ସମୟରେ ଏହାର ଶିକାର ହୋଇଥାଏ । ଏଠାରେ ସୂଚିତ କରାଯାଇପାରେ ଯେ ଜଣଙ୍କର ମାନସିକ ଅସୁସ୍ଥତା କେବଳ ତାହାକୁ ପ୍ରଭାବିତ କରିନଥାଏ । ତା' ସହିତ ତା' ପରିବାର, ବନ୍ଧୁ ଓ ପରିବେଶକୁ ପ୍ରଭାବିତ କରିଥାଏ । ଏହାଦ୍ୱାରା ତା ଛୁଆମାନେ ମଧ୍ୟ ପ୍ରଭାବିତ ହୁଅନ୍ତି ଅଥାତ୍ ସେ ନିଜେ ନିଜର ଦୁଃଖର କାରଣ ପରିବାରର, ସମାଜର ଏବଂ ସାମଗ୍ରିକ ଭାବେ ଏ ବିଶ୍ୱର ମଧ୍ୟ ଚିନ୍ତାର କାରଣ ଥାଏ ।

ମାନସିକ ରୋଗୀଟିର ପ୍ରଭାବ ଶିଶୁମାନଙ୍କ ଉପରେ ପଡ଼େ । ସାଧାରଣତଃ ଶିଶୁମାନଙ୍କ ମଧ୍ୟରେ ମାନସିକ ରୋଗୀ ପ୍ରାୟତଃ ନଥାନ୍ତି । ତେବେ ସିଜୋଫ୍ରେନିଆ ପରି କିଛି ମାନସିକ ରୋଗ ବଂଶଗତ ପ୍ରଭାବ ଥିବାରୁ ତାହା ସନ୍ତାନମାନଙ୍କଠାରେ ଦେଖାଯାଏ । ତେବେ ଗୋଟିଏ ଶିଶୁଠାରେ ମାନସିକ ଅସୁସ୍ଥତା ଦେଖାଗଲେ ଏଠାରେ ତା ପିତାମାତା ଓ ଆତ୍ମୀୟସ୍ୱଜନଙ୍କର ତା ପାଇଁ ସେମାନେ କଣ କରିବା ଉଚିତ୍ ବା ଅନୁଚିତ୍ ବିଚାରିବା କଥା । ଦେଖିବା କଥା ଯେ ସେ ଯେମିତି ଏକ ବଂଚିତ ଶିଶୁ ନହେଉ । ଅନେକ ସମୟରେ ପିତାମାତା ନିଜ ଶିଶୁର ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରନ୍ତି । ଏଥିପାଇଁ ସେମାନଙ୍କର ଲାଳନପାଳନର ତରିକା ହିଁ ଦାୟୀ । ଯଦି କୌଣସି କାରଣରୁ ଶିଶୁଟି ତା ଶୈଶବରୁ ତା ପରିବାରରେ ନିଜକୁ ନିଃସଙ୍ଗତା ବା ନିରାପତ୍ତା ବା କୌଣସି ପ୍ରକାର ଅଭାବ ଅନୁଭବ କରେ ସେ ଏକ ମାନସିକ ଅସୁସ୍ଥତା ଦେଇ ନିଶ୍ଚୟ ଗତିକରେ । ସୁସ୍ଥ ମାନସିକତା ଅଭାବଗ୍ରସ୍ତ ବ୍ୟକ୍ତିଟି ସମାଜ ସହିତ ଖାପ ଖୁଆଇପାରେନା । ଏପରିସ୍ଥଳେ ଆମେ ତା' ସାହାଯ୍ୟରେ ଆସିବା ଉଚିତ୍ । କଥିତ ଅଛି : ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଟିଏ ସହ ବଂଚିବା ବଡ଼ କଷ୍ଟକର । ତେବେ ତା' ପାଖଲୋକମାନେ ଅନ୍ତତଃ ଏ ଜୀବନକୁ ଟିକେ ସହଜ କରାଇବା ଉଚିତ୍ : "Living with mental disorder is never easy, so it is always important to have people around him to make the days a little easier."



ମାନସିକ ସୁସ୍ଥତା ସହ ସୁସ୍ଥ ବିଶ୍ୱଟିଏର କଳ୍ପନା କରି ୧୯୯୨ ମସିହାଠାରୁ ପ୍ରତିବର୍ଷ ୧୦ ଅକ୍ଟୋବର ଦିନ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହେଉଛି । ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସଂଗଠନ ସହାୟତାରେ ୧୯୯୨ରେ ୧୫୦ ରାଷ୍ଟ୍ରଙ୍କର ସର୍ବସମ୍ମତିକ୍ରମେ ବିଶ୍ୱରେ ମାନସିକ ସ୍ୱାସ୍ଥ୍ୟ ଉପରେ ଶିକ୍ଷା ସଚେତନତା ଉଦ୍ଦେଶ୍ୟରେ ଏ ଦିବସ ପାଳନର ଗୁରୁତ୍ୱ ନିଆଯାଇଛି । ବିଶ୍ୱାସ ପ୍ରତ୍ୟେକ ସଚେତନ ନାଗରିକ ଏହାର ତାତ୍ପର୍ଯ୍ୟ ଉପଲବ୍ଧି କରିବେ ଏବଂ ସେହି ଅନୁସାରେ ନିଜକୁ, ନିଜ ପରିବେଶ ଓ ପରିସ୍ଥିତିକୁ ନିୟନ୍ତ୍ରଣ କରିବେ । ସ୍ୱାସ୍ଥ୍ୟ ହିଁ ସଂପଦ ।

**ବିପିନବିହାରୀ ମହାନ୍ତି,**
**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**




# ବିନା ମାଟିରେ ଚାଷ



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା-ବିଶ୍ୱଜିତ ମଲ୍ଲିକ*



## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ, ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋପନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱ ଉପାଦାନଙ୍କୁ ସଂଗ୍ରହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢ଼ାଇବାକୁ ହାଇଡ୍ରୋପନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢ଼ିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପନିକ୍ସ ରେ ଗଛ ପାଣିରୁ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା - ଟମାଟୋ, ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ। ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡ଼ିକୁ ଏକ ପାତ୍ରରେ ରଖାଯାଇ ଏଥିରେ ନୁଡ଼ା, କାଠଗୁଣ୍ଡ, ନଡ଼ିଆ କତା, ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡ଼ିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡ଼ିକ ପାଣିରେ ବୁଡ଼ି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡ଼ିକ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୌଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡ଼ିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢ଼ିଥାଏ। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପାଦନ ସମ୍ଭବ ହୋଇଥାଏ। ହାଇଡ୍ରୋପନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ



କରାଯାଇଥାଏ। ମୁଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।

ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା - କଂକ୍ରିଟ , କାଚ , କାଠ ଇତ୍ୟାଦି..

ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ୍ୟ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୁର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକଙ୍କୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)



# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚାହିଦା ମଧ୍ୟ ରହିଛି ଏଣୁ ଜଳ ସେଚନ ସୁବିଧା ଥିବା ଡିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚାଷ କଲେ ଚାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚାଷ କରୁଥିଲେ ସର୍ବଦା ବଜାର ଚାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚୟନ ଏବଂ ଖାଦ୍ୟ ସାର ପରିଚାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚାଳନା କଲେ ଚାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚୟନ**

ଗାଁ ଗହଳି ରେ ଚାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚାଷକରି ଅନାବନା ଘାସ ବାଚ୍ଛି ୩ ରୁ ୪ ଫୁଟ ଚଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା,୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚିତ ।

**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜ ଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃଭାବ କମ୍ ହୋଇଥାଏ ।

ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ - ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚୟନ କରିବା ଆବଶ୍ୟକ।

୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :- ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା

୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୁତ୍ରକୃମି ଜନିତ ଝାଉଁଳା ରୋଗ :-ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା

୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :- ପ୍ଲାଣ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରେମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




# ଏତେ ପରିମାଣରେ ହେରୋଇନ ଗୁଜରାଟ ଦେଇ ଭାରତକୁ ପ୍ରବେଶର ଉଦ୍ଦେଶ୍ୟ କ'ଣ ?

ଭୁବନେଶ୍ୱର (ପିଏନ୍)- ୧ଲକ୍ଷ ୯୭ ହଜାର କୋଟିର ହେରୋଇନ ଭାରତ ଭିତରକୁ କିପରି ଆସିଲା ଏବଂ କାହା ମାଧ୍ୟମରେ ଆସିଲା, ଏବଂ କାହିଁକି କେନ୍ଦ୍ରର ମୋଦି ସରକାର ଚୁପ। ସେପ୍ଟେମ୍ବର ମାସ ୧୫ ତାରିଖ ୨୦୨୧ ତାରିଖ ଗୁଜୁରାଟର ମୁନ୍ଦ୍ରା ବନ୍ଦରରେଠାରେ ତିନି ହଜାର କିଲୋଗ୍ରାମର ହେରୋଇନ ଜବତ କରାଗଲା। ଏହାର ବଜାର ମୂଲ୍ୟ ପାଖାପାଖି ୨୧ ହଜାର କୋଟି ଟଙ୍କା ହେବ। ଠିକ୍ ସେହିଭଳି ଭାବରେ ଜୁନ ମାସ ୨୦୨୧ ମସିହାରେ ୨୫ ହଜାର କିଲୋଗ୍ରାମର ହେରାଇନ ଟେଲକମ ପାଉଡର ଖଣ୍ଡ (ଦେହମାଖା ପାଉଡର) ଆକାରରେ ଭାରତ ଭିତରକୁ ଆସିଥିବାର ସଂଦେହ କରାଯାଉଛି। ଯାହାର ବଜାର ମୂଲ୍ୟ ୧ଲକ୍ଷ ୭୫ ହଜାର କୋଟି ଟଙ୍କା ହେବବୋଲି ଆକଳନ କରାଯାଉଛି। ଏ ପର୍ଯ୍ୟନ୍ତ ଏତେ ବଡ଼ ପରିମାଣରେ ହେରୋଇନ ପୃଥିବୀର କୌଣସି ବନ୍ଦରରେ କେବେହେଲେ ଜବତ କରାଯାଇନାହିଁ। ଏତେ ପରିମାଣରେ ହେରାଇନ କେଉଁ ଦେଶରୁ ଆସିଲା ଏବଂ ଏହାର ରପ୍ତାନୀକାରୀ କିଏ ସେ ସଂସ୍ଥାର ନାମ କଣ, ଏହା କେଉଁ ପୋର୍ଟରୁ ଭାରତ ଅଭିମୁଖେ ରପ୍ତାନୀ କରାଯାଇଥିଲା ଏବଂ ଭାରତରେ କେଉଁ ସଂସ୍ଥା ଏହାକୁ ଆମଦାନୀ କରୁଥିଲା ଏହା ଏତେ ପରିମାଣର ହେରୋଇନ ଆମଦାନୀ କରିବାର ଉଦ୍ଦେଶ୍ୟ କ'ଣ? ଏହି ସମସ୍ତ ହେରୋଇନ ଗୁଜୁରାଟର ଯେଉଁ ମୁନ୍ଦ୍ରା ପୋର୍ଟ ଦେଇ ଭାରତକୁ ପ୍ରବେଶ କରିଛି ଶିଳ୍ପପତି ଆଦାନୀ ଗ୍ରୁପ କମ୍ପାନୀ ଏହାକୁ ପରିଚାଳନା କରୁଛନ୍ତି। ଏତେ ପରିମାଣର ହେରୋଇନ ଭାରତ ଭିତରକୁ ପ୍ରବେଶ କରିବା ଏକ ବଡ଼ ଚିନ୍ତା ଏବଂ ଉଦ୍‌ବେଗର କାରଣ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି। ଶ୍ରୀ ପଟ୍ଟନାୟକ ଆହୁରି ମଧ୍ୟ କହିଛନ୍ତି ଯେ ଏହି ହେରୋଇନ ଭାରତବର୍ଷର ଯୁବବର୍ଗଙ୍କର ଭବିଷ୍ୟତକୁ ଅନ୍ଧାକାର ମଧ୍ୟକୁ ଠେଲି ଦେବାପାଇଁ ଅଣାଯାଇଛି କି ବୋଲି ପ୍ରଶ୍ନ କରିଛନ୍ତି। କିଭଳି ଭାବରେ ବନ୍ଦରର ଥିବା କର୍ମଚାରୀମାନେ ଏବଂ ଇଂଟେଲିଜେନ୍ସ ବିଭାଗ ତଥା ତଦାରଖିକାରୀ ବିଭାଗ ଏ ସମସ୍ତ ଘଟଣାକୁ ଜାଣିପାରୁନାହାଁନ୍ତି ? ନା ଜାଣିଶୁଣି ଏଭଳି ଅନୈତିକ କାର୍ଯ୍ୟ ମାଧ୍ୟମରେ କୋଟି କୋଟି ଟଙ୍କା ରୋଜଗାର କରିବା ଅନ୍ୟତମ ଏକ ଦିଗ କି ? ଏଭଳି ସ୍ଥିତିରେ ଭାରତବର୍ଷର ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ନିଜ ରାଜ୍ୟରେ ଏତେ ପରିମାଣରେ ହେରୋଇନ ଜବତ ହେଉଥିବା ବେଳେ ଏ ବାବଦରେ କୌଣସି ତଥ୍ୟ ନରଖିବା ଏହା ଦେଶବାସୀଙ୍କୁ ଅଧିକ ବିସ୍ମିତ ଓ ଚିନ୍ତାଜନକ ସ୍ଥିତି ସୃଷ୍ଟିକରୁଛି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

# କମ୍ ଦିନରେ ଭାଙ୍ଗିଗଲା ନିମ୍ନମାନର ପାଚେରୀ



ଆନନ୍ଦପୁର (ପିଏନ୍): ହାଟଡିହି ବ୍ଲକ ଅଧିନ ହଦଗଡ ସ୍ୱାସ୍ଥ୍ୟକେନ୍ଦ୍ରର ସୁରକ୍ଷା ପାଚେରୀ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଛି । କନିଷ୍ଠ ଯନ୍ତ୍ରୀଙ୍କ କହିବା ଅନୁଯାୟୀ ୩୦ଲକ୍ଷ ଟଙ୍କାର ଅନୁଦାନ କ୍ରମେ ମୁଖ୍ୟ ତୋରଣ,ଛୋଟ ଗାର୍ଡେନ ପାଇଁ ଲୁହାର ସୁରକ୍ଷା ବାଡ, ଏକ ନୂତନ ଗୃହ, ଇଟା ଦ୍ୱାରା ଫ୍ଲୋରିଂ କାର୍ଯ୍ୟ ସହ ପୂର୍ବରୁ ଥିବା ଅଳ୍ପ ଉଚ୍ଚତା ବିଶିଷ୍ଟ ପାଚେରୀର ଉଚ୍ଚତା ବଢାଇବା କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା । ୧ମାସ ତଳେ ନିର୍ମାଣ ହୋଇଥିବା ଉକ୍ତ ପାଚେରୀର କିଛି ଅଂଶ ଭାଙ୍ଗି ଧରାଶାୟୀ ହୋଇ ଯାଇଛି । ପ୍ରକାଶ ଥାଉକି ଉକ୍ତ ପାଚେରୀ କାମ ସମୟରେ ପାଚେରୀକୁ ଲାଗି ଅତ୍ୟଧିକ ମାଟି ପକାଯାଇଥିଲା । ଯାହାକି ଅତ୍ୟଧିକ ମାଟି ଯୋଗୁଁ ବର୍ଷା ପାଣିର ଚାପରେ ଭାରସାମ୍ୟ ହରାଇ ପାଚେରୀଟି ଗଡି ପଡିଲା । ଏଥିରୁ ଅନୁମାନ ହେଉଛି ଯେ ଉକ୍ତ କାର୍ଯ୍ୟଗୁଡିକ ଅତି ନିମ୍ନମାନର ବୋଲି । ଯାହାକି କାର୍ଯ୍ୟ କରାଉଥିବା ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରୁ ଏଭଳି ଘଟୁଥିବା ନେଇ ଅନୁମାନ ହେଉଛି । ଏଭଳି ନିମ୍ନମାନର କାର୍ଯ୍ୟ ପ୍ରତି କେନ୍ଦୁଝର ଜିଲ୍ଲାପାଳ ଓ ଆନନ୍ଦପୁର ଉପଜିଲ୍ଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ବିଶ୍ୱ ପର୍ଯ୍ୟଟନ ଦିବସରେ ଉଠିଲା ଦାବି: ପିକ୍କ ଭ୍ୟାଲିକୁ ଇକୋ ଟୁରିଜିମ୍‌ର ମାନ୍ୟତା ମିଳୁ

ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ସେପ୍ଟେମ୍ବର ମାସ ୨୭ ତାରିଖଟିକୁ ସାରା ବିଶ୍ୱରେ ବିଶ୍ୱ ପର୍ଯ୍ୟଟନ ଦିବସ ରୂପେ ପାଳନ କରାଯାଇଥାଏ। ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଆର୍ଥିକ କ୍ଷେତ୍ରରେ ବିକାଶ ତଥା ପାରସ୍ପରିକ ସମ୍ପର୍କ ବୃଦ୍ଧି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଆମ ଓଡ଼ିଶାରେ ଏମିତି ଅନେକ ସୁନ୍ଦର ପର୍ଯ୍ୟଟନସ୍ଥଳୀ ରହିଛି ଯାହା ଏପର୍ଯ୍ୟନ୍ତ ସରକାରୀସ୍ତରରେ ପର୍ଯ୍ୟଟନୀସ୍ଥଳୀର ମାନ୍ୟତା ପାଇନାହିଁ। ସେଥିମଧ୍ୟରୁ ରାଜଧାନୀ ଭୁବନେଶ୍ୱର ନିକଟରେ ଥିବା ପିକ୍କ ଭ୍ୟାଲି ଯାହା ସାମ୍ନାକୁ ଆସିଛି। ସ୍ମାର୍ଟନଗରୀ ଭୁବନେଶ୍ୱର ଠାରୁ କେନ୍ଦ୍ରବିନ୍ଦୁ ପାଲଟିଛି। ପିକ୍କ ଭ୍ୟାଲିକୁ ନେଇ ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି ପୁଳା ପୁଳା ୟୁଟ୍ୟୁବ୍ ଭିଡ଼ିଓର ଚିତ୍ର। ଏହାକୁ ଦେଖି ପର୍ଯ୍ୟଟକମାନେ ବେଶ୍ ଆକର୍ଷିତ ହେଉଥିବାର ଜଣାପଡ଼ିଛି। ସମ୍ପ୍ରତି ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ବିକଶିତ ହୋଇଚାଲିଛି ଇକୋଟୁରିଜମ୍ ପ୍ରକଳ୍ପ। କିନ୍ତୁ ଉକ୍ତ ଅଞ୍ଚଳଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଇଥିବାର ମନେହୁଏ। ଇକୋ ଟୁରିଜିମ୍‌ରେ ନୂଆ ସମ୍ଭାବନା ଓ ନୂଆ ଚମକ ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆକର୍ଷଣୀୟ କରାଯାଉଛି। ପରିବେଶ ସୁରକ୍ଷା ଓ ପରିବେଶ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ



ମାତ୍ର ୩୦ କିଲୋମିଟର ଏବଂ କଟକଠାରୁ ୧୫ କିଲୋମିଟର ମଧ୍ୟରେ ରହିଛି ଏହି ପିକ୍କ ଭ୍ୟାଲି। ସକାଳ ଓ ସନ୍ଧ୍ୟା ହେଲେ ଏଠି ଶହ ଶହ ସଂଖ୍ୟାରେ ମୟୂର ଏକତ୍ରିତ ହେବାର ଦୃଶ୍ୟ ଦେଖିବାକୁ ମିଳିଥାଏ। ଯାହା ବର୍ତ୍ତମାନ ପିକ୍କ ଭ୍ୟାଲି ରୂପେ ବେଶ୍ ଖ୍ୟାତି ଅର୍ଜନ କରିପାରିଛି। ପର୍ଯ୍ୟଟନ ଦୃଷ୍ଟିରୁ ଏହା ଏକ ଖାସ୍ ଆକର୍ଷଣୀୟ ବହନ କରିଥାଏ। ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଉକ୍ତ ସ୍ଥାନଟି ଏକ ନିଆରା ହୋଇଥିବା ବେଳେ ଏହାକୁ ଇକୋ ଟୁରିଜିମ୍‌ର ମାନ୍ୟତା ଦେବାକୁ ବିଶ୍ୱ ପର୍ଯ୍ୟଟନ ଦିବସରେ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଉକ୍ତ ଅଞ୍ଚଳରେ ପାଖାପାଖି ଏକ ହଜାରରୁ ଉର୍ଦ୍ଧ୍ୱ ମୟୂର ବାସ କରୁଥିବାର ଆକଳନ କରାଯାଏ ଯାହାକି ଉକ୍ତ ଅଞ୍ଚଳଟି ବେଶ୍ ଶୋଭାବର୍ଦ୍ଧନ କରିଥାଏ। କଟକ ଜିଲ୍ଲା ଅନ୍ତର୍ଗତ ନରାଜ ରୋଡ଼ ଯିବା ରାସ୍ତାରେ ପଡ଼େ ତଳଗର। ଏଇଠି ରହିଛି ପିକ୍କ ଭ୍ୟାଲି। ଏବେ ପର୍ଯ୍ୟଟକଙ୍କ ବେଶ୍ ଆକର୍ଷଣୀୟ କରିବା ଏହାର ମୂଳଲକ୍ଷ୍ୟ। ପୃଥିବୀର ବିଭିନ୍ନ ଦେଶରୁ ନିୟମିତ ବ୍ୟବଧାନରେ ପର୍ଯ୍ୟଟକମାନେ ଓଡ଼ିଶାର ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳୀରେ ଭିଡ଼ ଲାଗି ରହୁଛି। ଏଣୁ ଏହି ପିକ୍କ ଭ୍ୟାଲିକୁ ସରକାରୀସ୍ତରରେ ଇକୋ ଟୁରିଜିମ୍‌ର ମାନ୍ୟତା ଦିଆଗଲେ ଆମର ଜାତୀୟ ସ୍ୱୀକୃତି ପାଇଥିବା ମୟୂର ପକ୍ଷୀର ସୁରକ୍ଷା ସହ ଏହାର ବଂଶ ବୃଦ୍ଧିରେ ବେଶ୍ ସହାୟକ ହୋଇପାରିବ। ଏତଦ୍‌ସହ ରାଜ୍ୟର ରାଜସ୍ୱ ବୃଦ୍ଧି ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବେଶ୍ ସହାୟକ ହୋଇପାରିବା ସଙ୍ଗେ ସଙ୍ଗେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଏହା ଅନେକଙ୍କ ପାଇଁ ଜୀବନ ଜୀବିକାର ମାଧ୍ୟମ ପାଲଟିଯିବ। ଏଣୁ ଏ ନେଇ ଶ୍ରୀ ସାହୁ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜଙ୍ଗଲ ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ପତ୍ର ମାଧ୍ୟମରେ ପିକ୍କ ଭ୍ୟାଲିକୁ ଇକୋ-ଟୁରିଜିମ୍‌ର ମାନ୍ୟତା ଦେବା ପାଇଁ ଦାବି କରିଛନ୍ତି।

# ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, କେନ୍ଦୁଝର ଶାଖାର ନୂତନ କର୍ମକର୍ତ୍ତା ଚୟନ



କେନ୍ଦୁଝର (ପିଏନ୍):ଶନିବାର ରାଙ୍କୀ ଆଶ୍ରମ ବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ, କେନ୍ଦୁଝରର ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ଉପସ୍ଥିତିରେ ନରଣପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ କବିତା ରାଣୀ ଦାସଙ୍କ ଅଧ୍ୟକ୍ଷତାରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ , କେନ୍ଦୁଝର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଂଘ ସାଂଗଠନିକ ସମ୍ପାଦକ ରଂଜନ କୁମାର ବେହେରା, ଶିକ୍ଷକ ନେତା ଦୈତାରୀ ଦିଗାଲ ଏବଂ କେନ୍ଦୁଝରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ କୁମାର ସାହୁଙ୍କ ମାର୍ଗଦର୍ଶନରେ ଜିଲ୍ଲା ସଂଘର କର୍ମକର୍ତ୍ତାଙ୍କୁ ମନୋନୟନ କରାଯାଇଥିଲା । ଭଗାମୁଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସରୋଜ କୁମାର ନନ୍ଦ ସଂଘର ପୂର୍ବ ବିବରଣୀ ଏବଂ ଆଭିମୁଖ୍ୟ ପାଠ କରିଥିଲେ । ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକାଶ ଚନ୍ଦ୍ର ଶତପଥି ପୂର୍ବ ସଂଘ ଭଙ୍ଗା ଯାଇ ଆଶ୍ରମ ଓ ଉଚ୍ଚ ବିଦ୍ୟାଳୟର ଦୁଇ ସଂଘ ମିଳିତ ହୋଇ ଗୋଟିଏ ସଂଘ ଭାବରେ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଥିଲେ । କାଦକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ଆଇଚ ସଭା ପରିଚାଳନା କରିଥିଲେ । ବୈଠକ କେନ୍ଦ୍ରରେ କୋଭିଡ୍ ନିୟମ ପାଳନ ପୂର୍ବକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥାରେ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସାହୁ ସହଯୋଗ କରିଥିଲେ । ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପ୍ରସ୍ତାବ ଓ ସମର୍ଥନ କ୍ରମେ ତୀର୍ଥାନନ୍ଦ ସେଠୀ ସଭାପତି ଭାବେ ସରୋଜ କୁମାର ନନ୍ଦ ସାଧାରଣ ସମ୍ପାଦକ ଭାବେ,କୃଷ୍ଣାନ ଆଚାର୍ଯ୍ୟ ଓ କିରାଣୀ ମହାନ୍ତ ଯୁଗ୍ମ ସମ୍ପାଦକ ଭାବେ,ସୋମନାଥ ଆଇଚ ଏବଂ ମଣ୍ଡଳ କୁମାର ପଣ୍ଡା ସାଂଗଠନିକ ସମ୍ପାଦକ ଭାବେ, ଅମୁଲ କୁମାର ମହାନ୍ତି ଓ ଯତୀନ କୁମାର ବାରିକ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ନବନିର୍ବାଚିତ ପ୍ରତିନିଧିମାନେ ଶପଥ ପାଠ ପରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବିଭିନ୍ନ ଦାବି ପୂରଣ ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନରେ ବ୍ରତୀ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରିଶେଷରେ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଡ଼ଚଣା ପୋଲିସର ଚଢ଼ାଉ,୩୦ ଗୋରୁ ଉଦ୍ଧାର

ଚଣ୍ଡିଖୋଲ (ପିଏନ୍)-ଦିନକୁ ଦିନ ବଡ଼ଚଣା ଅଂଚଳରେ ବେଆଇନ ଭାବେ ଗୋରୁଚାଲାଣ ବୃଦ୍ଧିପାଇବାରେ ଲାଗିଛି.ପ୍ରଶାସନର ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଉନଥିବାରୁ ଏହି ଗୋରୁଚାଲାଣ ବନ୍ଦ ହେବ ପରିବର୍ତ୍ତେ ବୃଦ୍ଧିପାଇବାରେ ଲାଗୁଛି। କିଛିଦିନ ତଳେ ଦର୍ପଣ ଅଂଚଳରୁ ବେଆଇନ ଭାବେ ଏକ କନଟଇନରେ ୬୦ରୁ ଉର୍ଧ ଗୋରୁକୁ ଦୟନୀୟ ଅବସ୍ଥାରେ ନେଇଯାଉଥିବା ସମୟରେ ବଡ଼ଚଣା ପୋଲିସ ସାନ୍ତେଓ୍ୱାରକୁ ଧରି ୩ ଜଣ ଗୋରୁବେପାରୀଙ୍କୁ କୋର୍ଟ ଚାଲାଣ କରିଥିଲା। ପୁନଶ୍ଚ ଗତ ଶୁକ୍ରବାର ରାତିରେ ଏକ ୧୦ ଚକିଆ ଟ୍ରକ ଯାହାର ନ (ଓଡ଼୦୯ ର ୭୫୧୧) ୩୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଅତିଦୟନୀୟ ଅବସ୍ଥାରେ ଦର୍ପଣ ଅଂଚଳରୁ ନେଇଯାଉଥିବାର ବିଶେଷ ସୂତ୍ରରୁ ବଡ଼ଚଣା ଥାନା ଅଧିକାରୀ ଖବର ପାଇଥିଲେ .ଥାନା ଅଧିକାରୀ ସଂଗେ ସଂଗେ ଏକଟିମ କରି ଗାଡ଼ିଟିକୁ ଧରିବାପାଇଁ ଘଟଣା ସ୍ଥଳରେ ପହଂଚିବା ସମୟରେ ଗାଡ଼ିଟିର ଚାଳକ ଗାଡ଼ିଟିକୁ ଦ୍ରୁତଗତିରେ ନେଇପଳାଇଯାଇଥିଲା। ପୋଲିସ ଟିମ ଉକ୍ତ ଗାଡିର ପିଛାକରି ଜାରକା ଠାରେ ରାସ୍ତା ଯାମ ଥିବାରୁ ଏହାର ସୁଯୋଗନେଇ ଚାଳକ ଓ ଖାଲସି ଗାଡି ଛାଡି ପଳାଇଯାଇଥିଲେ। ବଡ଼ଚଣା ପୋଲିସ ଗାଡ଼ିଟିକୁ ଜବତ କରି ଚଣ୍ଡିଖୋଲ ଫାଣ୍ଡିକୁ ଆଣିଥିଲେ। ଏ ସଂକ୍ରାନ୍ତରେ ଏକ କେଶ ୩୫୭/୨୦୨୧ ରୁଜୁ କରି ଅଧିକ ତଦନ୍ତ ଜାରିରହିଛି ବୋଲି ଥାନାଅଧିକାରୀ ପ୍ରିୟବ୍ରତ ରାଉତ କହିଛନ୍ତି। ଗାଡ଼ିରେ ଥିବା ଗୋରୁଗୁଡ଼ିକୁ ନିକଟସ୍ଥ ନାନପୁର ଗୋଶାଳାରେ ଛାଡିଥିବାର ଖବର ମିଳିଛି। ଏଠାରେ ପ୍ରଶ୍ନ ଉଠେ ନାନପୁର ଗୋଶାଳାରେ କିଛିଦିନ ତଳେ ଉଦ୍ଧାର ହୋଇ ରଖାଯାଇଥିବା ଗୋରୁଗୁଡ଼ିକୁ ଗୋଶାଳା ମାଲିକ ବିକ୍ରିକରିଦେଇଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହେଲା ପରେ ମଧ୍ୟ ପୁନର୍ବାର କେଉଁ ଭରସାରେ ଏହି ଗୋରୁଗୁଡିକୁ ପୋଲିସ ସେଠାରେ ଛାଡିଲା ତାହା ଆଲୋଚନାର ବିଷୟ ହୋଇଛି।

# ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ଜିଲ୍ଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ (ସି.ଆଇ.ଟି.ୟୁ) କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ସମସ୍ତ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସଂପୃକ୍ତ ପାଚିକା ଓ ସହାୟିକାମାନଙ୍କୁ ସ୍କିମ୍ ଶ୍ରମିକ ଭାବେ ବିଚାର କରାନଯାଇ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବା, ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ କାର୍ଯ୍ୟରୁ ଅବସର ବୟସ ୬୨ବର୍ଷ କରାଯିବା, ବର୍ଷକୁ ୨ଥର ଶାଢୀ ଓ ଆପ୍ରୋନ ପ୍ରଦାନ କରାଯିବା, ପ୍ରତ୍ୟେକ ବିଦ୍ୟାଳୟକୁ ଜାଳେଣି ପାଇଁ ଉଜ୍ଜ୍ୱଳା ଜାଳେଣି ଗ୍ୟାସ ଯୋଗାଇ ଦିଆଯିବା, ପ୍ରତ୍ୟେକ ବିଦ୍ୟାଳୟରେ ପାନୀୟ ଜଳ ଯୋଗାଣ ସହିତ ଆକ୍ୱାଗାର୍ଡ ସଂଯୋଗ କରାଯିବା, ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୃଷ୍ଟିସାର ଯୁକ୍ତ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯିବା, ରାଜ୍ୟ ସରକାର ତାଙ୍କ ଅଂଶ ବାବଦରେ ୪ଶହ ଟଙ୍କା ପ୍ରଦାନ କରିଥିବା ବେଳେ କେନ୍ଦ୍ର ସରକାରଙ୍କ ଅଂଶ ବାବଦକୁ ୬ଶହ ଟଙ୍କା ବକେୟା ପ୍ରଦାନ କରାଯିବା, ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପାଚିକା ଓ ସହାୟିକାମାନଙ୍କ ବକେୟା ଅର୍ଥ ତୁରନ୍ତ ପ୍ରଦାନ କରାଯିବା ଓ ରୋଷେଇ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରକ୍କାଗୃହ ଓ ଖାଦ୍ୟ ଖାଇବା ପାଇଁ ଉପଯୁକ୍ତ ପକ୍କା କରିଡର ନିର୍ମାଣ କରାଯିବାକୁ ସଙ୍ଘ ପକ୍ଷରୁ ଦାବି କରାଯାଇଛି । ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ଜିଲ୍ଲା କମିଟି ପକ୍ଷରୁ ସଭାପତି ସ୍ନେହଲତା ଗାହାଣ, ସମ୍ପାଦିକା ନିର୍ମଳା ସିଂହ, ଜଗତଜୀବନ ଦାଶ, ପ୍ରମିଳା ବିଶ୍ୱାଳ, ସଞ୍ଜୁଲତା ଦାସ, କୁମୁଦିନୀ ସେନାପତି, ଅମିତା ପାତ୍ର, ସ୍ୱର୍ଣ୍ଣପ୍ରଭା ମଣ୍ଡଳ, ରଞ୍ଜୁଲତା ଖଣ୍ଡୁଆଳ, ମାଧବ ଦାସ, ଅଜିତ ପରିଡା, ନୃସିଂହ ତରାଇ, ପରମେଶ୍ୱର ସୁତାର, ଅଶୋକ ନାଥ, ରମେଶ ମଲିକ, ବିଜୟ ସାହୁ, ନିରାକାର ସାହୁ, ବିନୟ ମଲିକ, ଅକ୍ଷୟ ତରାଇ, ମହେଶ୍ୱର ପରିଡା, ଧୀବର ବେହେରା, ଧନେଶ୍ୱର ରାଉତ ପ୍ରମୁଖ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।

# ସାମ୍ବାଦିକ ଅରିନ୍ଦମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ



କେନ୍ଦ୍ରାପଡ଼ା (ପିଏନ୍): ଓଟିଭିର ବରିଷ୍ଠ ସାମ୍ବାଦିକ ଅରିନ୍ଦମ ଦାଶଙ୍କ ବିୟୋଗରେ କେନ୍ଦ୍ରାପଡା କର୍ମଜୀବୀ ସାମ୍ବାଦିକ ସମୂହ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲା ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଥମେ ମହମବତୀ ଜାଳି ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅରିନ୍ଦମ ଦାଶଙ୍କ ତ୍ୟାଗ, ବଳିଦାନ ଓଡିଆ ସାମ୍ବାଦିକତା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସ୍ମୃତି ସଭାରେ ବହୁ ସାମ୍ବାଦିକ, ସମାଜସେବୀ, ବୁଦ୍ଧିଜିବି ଓ ରାଜନେତା ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସ୍ମୃତି ସଭାରେ ମନୋଜ ସ୍ୱାଇଁ, ଚିତରଞ୍ଜନ ଦାସ, ସୋମନାଥ ସାହୁ, ପ୍ରଭାତ ପରିଡା, ମହେଶ ପାଢୀ, ଜୀବନ ସିଂ, ଜଗନ୍ନାଥ ଧଳ, ପ୍ରଶାନ୍ତ ନାୟକ, ଦିଲ୍ଲିପ ମହାନ୍ତି, ପ୍ରଫୁଲ୍ଲ ସାହୁ, ଉମାକାନ୍ତ ମହାପାତ୍ର, ବୀରେନ୍ଦ୍ର ଦାସ, ଉମେଶ ପାଢୀ, ଦୁର୍ଗା ପତି, ନାରାୟଣ ସାହାଣୀ, ସୁବାଷ ସାମଲ, ରବିନାରାୟଣ ପତି, ଚିତ୍ତରଞ୍ଜନ ସାହୁ, କୈଳାସ ସାହୁ, ହରେକୃଷ୍ଣ ବେହେରା, ସେକ ହାପିଜୁଦ୍ଦିନ, ଲକ୍ଷ୍ମୀକାନ୍ତ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ମ୍ୟୁନିସିପାଲ ପ୍ରିମିୟର ଲିଗ ଆୱାର୍ଡ ପାଇଲେ କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏମପିଏଲ- ୧-୦ ଓ ଏମପିଏଲ-୨-୦କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କଠିନ ପରିଶ୍ରମ କରି ସଫଳତାର ସହ ରୂପାୟନ କରିଥିବାରୁ କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କୁ ଗତ ଶନିବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନସନ ସେଣ୍ଟରରେ ଅନୁଷ୍ଠିତ ଏକ ଭବ୍ୟ ଉତ୍ସବରେ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟର ପୌରନିଗମ ସମେତ ବିଭିନ୍ନ ପୌରସଂସ୍ଥାର ନିର୍ବାହୀ ଅଧିକାରୀମାନଙ୍କୁ ମଧ୍ୟ ଏହି ଆୱାର୍ଡ ପ୍ରଦାନ କରାଯାଇଛି । ପୌରସଂସ୍ଥା ଗୁଡିକ ସମ୍ପତ୍ତି କର ବୃଦ୍ଧି କରିବା ସହ ଆଦାୟ କରର ଡିଜିଟାଇଜେସନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି।

# ଓଡିଶା ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟସ୍ତରୀୟ ଆଦିବାସୀ ଯୁବ ସର୍ବୋଦୟ ସଂକଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଉରକେଲା (ପିଏନ୍): ଓଡିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେପ୍ଟେମ୍ବର ୨୩ ତାରିଖ ଠାରୁ ସୁନ୍ଦରଗଡ ଜିଲ୍ଲାର କଲୁଙ୍ଗାଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଯୁବ ସର୍ବୋଦୟ ସଂକଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ସାମ୍ପ୍ରତିକ ପରିସ୍ଥିତିରେ ଆଦିବାସୀ ଯୁବକମାନଙ୍କ ଭୂମିକାକୁ ନେଇ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରକୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆଦିବାସୀ ଯୁବକ, ଯୁବତୀମାନେ ଯୋଗ ଦେଇ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ଦେଇଥିଲେ ଅଖିଳ ଭାରତୀୟ କଂଗ୍ରେସ କମିଟିର ପ୍ରଶିକ୍ଷଣ ପ୍ରଭାରୀ ସଚ୍ଚିନ ରାଓ, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଶିକ୍ଷଣ ପ୍ରଭାରୀ ସୀତାରାମ ଲାମ୍ବା ଏବଂ ଯୁବ କଂଗ୍ରେସର ପ୍ରଶିକ୍ଷଣ ଟିମ୍ ସଦସ୍ୟମାନେ । ଆଦିବାସୀମାନଙ୍କ ଭୂମିକା, ହକ୍ ଏବଂ ବିଭିନ୍ନ ସମସ୍ୟାକୁ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଥମ ଦିବସରେ ପ୍ରଶିକ୍ଷଣ ଦେଇଥିଲେ ସଚ୍ଚିନ ରାଓ ଯାହା ଆଦିବାସୀମାନଙ୍କ ଭୂମିକା ଓ ହକ୍ ଉପରେ ପର୍ଯ୍ୟବେକ୍ଷିତ ଥିଲା । ଦ୍ୱିତୀୟ ଦିବସରେ ଅଖିଳ ଭାରତୀୟ ଯୁବ କଂଗ୍ରେସ ପ୍ରଭାରୀ କ୍ରିଷ୍ଣା ଆଲ୍ଲାବାରୁ ପହଞ୍ଚି ଆଦିବାସୀ ଯୁବକ-ଯୁବତୀଙ୍କୁ ଶିକ୍ଷାର ପ୍ରସାର, କଂଗ୍ରେସର ଭୂମିକା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ତୃତୀୟ ଦିବସରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ସଭାପତି ବି.ଭି. ଶ୍ରୀନିବାସ ପହଞ୍ଚି ପ୍ରଶିକ୍ଷଣ ଶିବିରରେ ଆଦିବାସୀ ଯୁବକ, ଯୁବତୀମାନଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଦିବାସୀ ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରତ୍ୟେକ ଦିନ ପ୍ରଶିକ୍ଷଣ ଶିବିର ସହ ଶ୍ରମଦାନ, ସାଂସ୍କୃତିକ କାର୍ଯ୍ୟ ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ ଦିବସରେ ପ୍ରଶିକ୍ଷଣ ଶିବିରକୁ ଆସିଥିବା ଆଦିବାସୀ ଯୁବକ-ଯୁବତୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ପରେ ଓଡିଶା ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ସମସ୍ତ ପଦାଧିକାରୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି, ଜିଲ୍ଲା ଯୁବ କଂଗ୍ରେସ ପଦାଧିକାରୀ, ବିଧାନସଭା ଯୁବ କଂଗ୍ରେସ ସଭାପତିମାନେ ଯୋଗଦାନ କରିଥିଲେ । ଯୁବ କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁବ ମାରଣ ନୀତି - ବେରୋଜଗାରୀ, ମହଙ୍ଗା ମାଡରେ ଥିବା ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଅତ୍ୟାବଶ୍ୟକୀୟ ସାମଗ୍ରୀ ଦରବୃଦ୍ଧି ସମସ୍ୟାକୁ ନେଇ ରାଜ୍ୟବ୍ୟାପି କାର୍ଯ୍ୟକ୍ରମର ଖସଡା ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକାରିଣି ବୈଠକରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସମ୍ପାଦକ ବିଶ୍ୱରନ ମହାଁ, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଭାରୀ କ୍ରିଷ୍ଣଆ ଆଲ୍ଲାବରୁ, ଅଖିଳ ଭାରତୀୟ ଯୁବ କଂଗ୍ରେସର ସଭାପତି ବି.ଭି. ଶ୍ରୀନିବାସ, ଓଡିଶା ଯୁବ କଂଗ୍ରେସ ପ୍ରଭାରୀ ପ୍ରତିଭା ରଘୁବଂଶୀ, ସହ-ପ୍ରଭାରୀ ରିୟାଜୁଲ ଅନସାରୀ, ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ, ବିଧାୟକ ରାଜନ ଏକ୍କା ଏବଂ ବହୁ ପ୍ରମୁଖ ନେତୃବୃନ୍ଦ ଯୋଗ ଦାନ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




Bhubaneswar Saturday November 13, 2021 ଭୁବନେଶ୍ୱର ଶନିବାର, ନଭେମ୍ବର ୧୩,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ବାବା ଭୈରବାନନ୍ଦ ସ୍ୱଂୟ ଶାସିତ ମହାବିଦ୍ୟାଳୟରେ ଖେଳ ପଡ଼ିଆର ଅଭାବ : ଛାତ୍ରଛାତ୍ରୀ ଅସନ୍ତୋଷ

ଚଣ୍ଡିଖୋଲ,ତା.୧୨/୧୧(ପି.ଏନ୍)- ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବାବା ଭୈରବାନନ୍ଦ ସ୍ୱଂୟ ଶାସିତ ମହାବିଦ୍ୟାଳୟ ଚଣ୍ଡିଖୋଲରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଖେଳ ପଡ଼ିଆ ଦେଖିବାକୁ ମିଳୁନଥିବାର ଜଣାପଡୁଛି । ଉକ୍ତ ମହାବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ଶ୍ରେଣୀମାନଙ୍କରେ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରିଥାନ୍ତି । ଏହି ମହାବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ ମଧ୍ୟ ଖେଳ ପଡ଼ିଆର ଅଭାବ ଦୃଷ୍ଟିରୁ ୟୁ.ଜି.ସି ପକ୍ଷରୁ ୨୦୧୪ ମସିହାରେ ୨୦ ଲକ୍ଷ ଅର୍ଥ ରାଶି ମଂଜୁର କରିଥିଲେ । ଖେଳ ପଡ଼ିଆ ନିର୍ମାଣ କରିବା ପାଇଁ ଉକ୍ତ ଖେଳ ପଡ଼ିଆକୁ କେନ୍ଦ୍ର ସରକାରଙ୍କ ସି.ପି.ଡ଼ବ୍ଲ୍ୟୁ.ଡ଼ି ବିଭାଗ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସି.ପି.ଡ଼ବ୍ଲ୍ୟୁ.ଡ଼ି ବିଭାଗ ଖେଳ ପଡ଼ିଆକୁ ସାମାନ୍ୟ କିଛି କାର୍ଯ୍ୟ କରାଇ ସମସ୍ତ ବିଲ୍ ପାସ୍ କରାଇ ସଂପୃକ୍ତ ଠିକାଦାର ଅର୍ଥରାଶି ଗ୍ରହଣ କରିଛନ୍ତି । ୟୁ.ଜି.ସି ପକ୍ଷରୁ ୟୁ.ସି ସାର୍ଟିଫିକେଟ୍ ମହାବିଦ୍ୟାଳୟକୁ ମଗାଯାଇଥିଲା । ସେ ସମୟର ମହାବିଦ୍ୟାଳୟର ଅଧ୍ୟକ୍ଷ ୨୧ ଲକ୍ଷ ଅର୍ଥରାଶିର ସାର୍ଟିଫିକେଟ୍ ୟୁ.ଜି.ସି କୁ ପ୍ରଦାନ କରିଥିଲେ । ପୁନଃରାୟ ମଧ୍ୟ ସେହି ଖେଳ ପଡ଼ିଆ କାର୍ଯ୍ୟ ପାଇଁ ୟୁ.ସି ସାର୍ଟିଫିକେଟ୍ ମଗେଇଥିବାରୁ ମହାବିଦ୍ୟାଳୟ ପକ୍ଷରୁ ମଧ୍ୟ ସାର୍ଟିଫିକେଟ୍ ଦିଆଯାଇଥିଲା । ଖେଳ ପଡ଼ିଆର କାର୍ଯ୍ୟ ଦେଖିବା ପାଇଁ ୟୁ.ଜି.ସିର କାର୍ଯ୍ୟରତ ଅଧିକାରୀ ଓ ଉତ୍କଳ ବିଶ୍ୱ ବିଦ୍ୟାଳୟର ଜଣେ ଅଧିକାରୀ ଖେଳ ପଡ଼ିଆକୁ ଦେଖିଥିଲେ ଏବଂ ୟୁ.ଜି.ସି ଆଉ ଆର୍ଥିକ ଅନୁଦାନ ଦେଇ ପାରିବ ନାହିଁ ବୋଲି ମତ ପ୍ରକାଶ କରିଥିଲେ । ମହାବିଦ୍ୟାଳୟରେ ଥିବା ବାର୍ଷିକ କ୍ରୀଡ଼ା ଉତ୍ସବ, ଜାତୀୟ ସମର ଶିକ୍ଷାର୍ଥୀ ବାହାନୀ ପକ୍ଷରୁ ବିଭିନ୍ନ ଦିନରେ ହେଉଥିବା ପ୍ରଶିକ୍ଷଣ କାର୍ଯ୍ୟ ନିକଟରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଚଣ୍ଡିଖୋଲ ଖେଳ ପଡ଼ିଆରେ ହୋଇଥାଏ । ପ୍ରକାଶ ଥାଉକି ପୂର୍ବରୁ ମହାବିଦ୍ୟାଳୟର ପରିଚାଳନା କମିଟି, ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ଅନୁରୋଧ କ୍ରମେ ଜଣେ ବଦାନ୍ୟ ବ୍ୟକ୍ତି ସେହି ପଡ଼ିଆରେ ଜେସିବି ମେସିନ୍ ଲଗାଇ ପଥର ସଫାକରି ଓ ମାଟି ପକାଇ ସମାନ କରିଥିଲେ । ସି.ପି.ଡ଼ବ୍ଲ୍ୟୁ.ଡି ବିଭାଗ ନାମମାତ୍ର କାର୍ଯ୍ୟ ଠିକାଦାର ମାଧ୍ୟମରେ କରାଇ ୨୦ ଲକ୍ଷ ଅର୍ଥରାଶିକୁ ହରିଲୁଟ୍ କରିଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଅଛି । ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଆବଶ୍ୟକତା ଖେଳ ପଡ଼ିଆକୁ ତୁରନ୍ତ ନିର୍ମାଣ କରାଯିବା ପାଇଁ ଏ ଅଂଚଳର ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ମାନେ ଦୃଢ଼ଦାବୀ କରିଛନ୍ତି ।

# ଟାଟା ଷ୍ଟିଲ୍ ହସ୍ପିଟାଲ ଯୋଡ଼ା ପକ୍ଷରୁ ‘ମାତୃଜ୍ୟୋତି’ ଅଭିଯାନକୁ ସହଯୋଗ

ଯୋଡ଼ା,(ପି.ଏନ): ଉତ୍ତମ ପ୍ରସବକାଳୀନ ଯତ୍ନକୁ ନିଶ୍ଚିତ କରିବା ଓ ଶିଶୁ ତଥା ମା’ର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲାଗି ଟାଟା ଷ୍ଟିଲ୍ ହସ୍ପିଟାଲ୍, ଯୋଡ଼ା ପକ୍ଷରୁ ‘ମାତୃଜ୍ୟୋତି’ ଅଭିଯାନକୁ ସହାୟତା ପ୍ରଦାନ କରିବା ଲାଗି ସୁନ୍ଦରଗଡ଼ ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗ ସହ ବୁଧବାର ଦିନ ବୁଝାମଣା ସ୍ୱାକ୍ଷର କରାଯାଇଛି । ସୁନ୍ଦରଗଡ଼ର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ନିଖିଲ୍ ପଓ୍ୱନ୍ କଲ୍ୟାଣଙ୍କ ଉପସ୍ଥିତିରେ ଏହି ବୁଝାମଣାରେ ଡକ୍ଟର ସରୋଜ କୁମାର ମିଶ୍ର, ମୁଖ୍ୟ ଜିଲ୍ଲା ମେଡିକାଲ୍ ଓ ସାର୍ବଜନୀନ ସ୍ୱାସ୍ଥ୍ୟ ଅଧିକାରୀ, ସୁନ୍ଦରଗଡ଼ ଓ ଡକ୍ଟର ସୁଚିସ୍ମିତା ଦାସ, ମୁଖ୍ୟ ମେଡିକାଲ୍ ଅଫିସର, ଟାଟା ଷ୍ଟିଲ୍ ହସ୍ପିଟାଲ୍, ଯୋଡ଼ା ସ୍ୱାକ୍ଷର କରିଛନ୍ତି । ଏହି ବୁଝାମଣା ଅନୁସାରେ, ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ବ୍ଲକ୍ ଅଧୀନରେ ଥିବା ଅଂଚଳରେ ବାସ କରୁଥିବା ଗର୍ଭବତୀ ମହିଳାମାନଙ୍କୁ ଟାଟା ଷ୍ଟିଲ୍ ହସ୍ପିଟାଲ୍ ପକ୍ଷରୁ ଏକ ବର୍ଷ ପର୍ଯ୍ୟନ୍ତ ବିନା ମୂଲ୍ୟରେ ଅଲଟ୍ରାସାଉଣ୍ଡ୍ ପରୀକ୍ଷା ସୁବିଧା ପ୍ରଦାନ କରାଯିବ । କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧର ଅଂଶସ୍ୱରୂପ ଟାଟା ଷ୍ଟିଲ୍ ପକ୍ଷରୁ ମାଗଣାରେ ଏହି ପରୀକ୍ଷଣ କରାଯିବ । ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ ଗତବର୍ଷ ନଭେମ୍ବରରେ ସୁନ୍ଦରଗଡ଼ ଜିଲ୍ଲାରେ ‘ମାତୃଜ୍ୟୋତି’ ଅଭିଯାନର ଶୁଭାରମ୍ଭ କରାଯାଇଥିଲା । ଏହି ଅଭିଯାନର ଲକ୍ଷ୍ୟ ହେଉଛି ଜିଲ୍ଲାରେ ମା ଓ ଶିଶୁ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ।

# ଆଇଡିସି ଖଣିରେ ଦୁର୍ଘଟଣା, ୨ ଶ୍ରମିକ ମୃତ

ଯୋଡ଼ା,(ପି.ଏନ): ଯୋଡା ଖଣି କ୍ଷେତ୍ର ଅନ୍ତର୍ଗତ ରଇଡା-ସି ଆଇଡିସି ଖଣିରେ ଦୁର୍ଘଟଣା ଘଟି କାର୍ଯ୍ୟରତ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଟ୍ରାକ୍ଟର ପଛରେ ଲାଗିଥିବା ଏକ ପାଣି ବୋଝେଇ ଟ୍ୟାଙ୍କର ଭାରସାମ୍ୟ ହରାଇ ଓଲଟି ପଡିବା ଫଳରେ ଏହି ଶ୍ରମିକ ୨ଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ମୃତକ ୨ଜଣ ଶ୍ରମିକ ହେଲେ ରଇଡା ଅଂଚଳର ସମରା କାରୁଆ ଓ ଦମୟନ୍ତି ଓରାମ । ସେମାନେ ଶୁକ୍ରବାର ସକାଳେ ଖଣି ଭିତରକୁ କାମ କରିବାକୁ ଟ୍ରାକ୍ଟରରେ ବସି ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଶ୍ରମିକଙ୍କ ମୃତ୍ୟୁ ପରେ ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେଇଥିବା ବେଳେ ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ପ୍ରତି ପରିବାରର ଜଣେ ଲେଖାଏଁ ସଦସ୍ୟଙ୍କୁ କମ୍ପାନୀରେ ନିଯୁକ୍ତି ଦେବାପାଇଁ ଦାବି କରିଥିଲେ । ଫଳରେ ୫ ଘଣ୍ଟା ଧରି ମୃତଦେହ ଘଟଣା ସ୍ଥଳରେ ପଡି ରହିଥିବା ବେଳେ ପୋଲିସର ହସ୍ତକ୍ଷେପ ପରେ ଉଭୟ ପରିବାରକୁ ୧ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାସହ ପ୍ରତି ପରିବାରର ଜଣେ ସଦସ୍ୟଙ୍କୁ ଠିକାଦାର ଅଧିନରେ ଚାକିରୀ ଦେବାପାଇଁ ପ୍ରତିଶ୍ରୁତି ଦେବାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠା ଯାଇଥିଲା ।

# ଭୂମିହୀନ ପରିବାରକୁ ପଟ୍ଟା ପ୍ରଦାନ ପାଇଁ ଦାବି

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ପୌରାଞ୍ଚଳ ଅନ୍ତର୍ଗତ ୧୨ନଂ ୱାର୍ଡରେ ଶାଳପଡା ଗୁଣ୍ଡିଚା ସାହିରେ ଦୀର୍ଘ ୨୫ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି ଅନେକ ଭୂମିହୀନ ପରିବାର ବସବାସ କରି ଆସୁଛନ୍ତି । ସେମାନଙ୍କ ପାଖରେ ପଟ୍ଟା ନଥିବାରୁ ବିଭିନ୍ନ ସରକାରୀ ସହାୟତା ପାଇବାରୁ ବଂଚିତ ହେଉଛନ୍ତି । ଉକ୍ତ ଅଂଚଳର ବିଭିନ୍ନ ସମସ୍ୟା ବାବଦରେ ସ୍ଥାନୀୟ ମହିଳାମାନେ ଆଇନଜୀବୀ ତଥା ସମାଜସେବୀ ସୁଶ୍ରୀ ସଙ୍ଗୀତା ସିଂହଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସୁଶ୍ରୀ ସିଂହ ଉକ୍ତ ଅଂଚଳକୁ ଯାଇ ସମସ୍ତ ବାସିନ୍ଦାଙ୍କ ସହ ଆଲୋଚନା

# ସମସ୍ୟା ଘେରରେ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ଉପରେ ଆନନ୍ଦପୁର ପୌରପାଳିକାରେ ରହୁଥିବା ଜନସାଧାରଣଙ୍କ ବ୍ୟତୀତ ଅନ୍ୟ ଜିଲ୍ଲାର ଜନସାଧାରଣ ମଧ୍ୟ ନିର୍ଭରଶୀଳ ଅଟନ୍ତି । କିନ୍ତୁ ଏହି ଉପଖଣ୍ଡ ଚିକିତ୍ସାଳୟଟି ବହୁ ସମସ୍ୟା ଘେରରେ ରହିଥିବା ବେଳେ ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ । ଏଥିରେ ଥିବା ୫୦ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିବା ରୋଗୀମାଙ୍କ ଘରର ଝରକା ପାଖରେ ବିରାଟ ବିରାଟ ମହୁଫେଣା ରହିଥିବାରୁ ଝରକା ଖୋଲାଯାଇ ପାରୁନାହିଁ । ଫଳରେ ଘର ଭିତରକୁ ଠିକ୍ ଭାବେ ପବନ ଯିବାଆସିବା କରିପାରୁ ନଥିବା ବେଳେ ରୋଗୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ପିଇବା ପାଣି ମେସିନରୁ ପାଣି ବାହାରୁ ନଥିବାରୁ ବାହାରୁ ପାଣି କିଣି ପିଉଥିବା ଅଭିଯୋଗ ହୋଇଛି । ଶିଶୁ ଓ ମହିଳା ମାନଙ୍କ ସେବା ପାଇଁ ରହିଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ସମସ୍ୟା ଦେଖା ଯାଉଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ଦିଗରେ କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଭିନ୍ନ ସମୟରେ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଥିଲେ ମଧ୍ୟ ଏହିସବୁ ସମସ୍ୟାର ସୁଧାର ଦିଗରେ କୌଣସି ପଦକ୍ଷେପ ନିଆଯାଉ ନଥିବା ପରିତାପର ବିଷୟ ସାଜିଛି ।

# ଡାକ୍ତର ରାୟଙ୍କ ମହନୀୟତା, ବିନାମୂଲ୍ୟରେ ରୋଗୀଙ୍କ ସେବା

ଚଣ୍ଡିଖୋଲ, (ପିଏନ)-ସେବା ହିଁ ପରମ ଧର୍ମ, ମାନବ ସେବା ହିଁ ମାଧବ ସେବା ,ଏଇ ଉକ୍ତିକୁ ସଠିକ ପ୍ରମାଣିତ କରିଛନ୍ତି ଡାକ୍ତର କୃଷ୍ଣଚନ୍ଦ୍ର ରାୟ. ବଡ଼ଚଣା ବ୍ଲକ ଶାଳପଡା ଗ୍ରାମରେ ଦୀର୍ଘଦିନ ହେବ ଡାକ୍ତର ରାୟ ନିଜର ନିତ୍ୟକର୍ମ ସାରି ବିନା ମୂଲ୍ୟରେ ସକାଳେ ୩ ଘଣ୍ଟା ଓ ପୁନଶ୍ଚ ସନ୍ଧ୍ୟାରେ ୩ ଘଣ୍ଟା ରୋଗୀସେବା କରିବା ସହ ନିଜ ପାଖରେ ଥିବା କିଛି ଔଷଧ ମଧ୍ୟ ସେ ରୋଗୀଙ୍କୁ ବିନା ମୂଲ୍ୟରେ ଦେଇଥାନ୍ତି.ପଶ୍ଚିମ ବଡ଼ଚଣା ହେଉଛି ଏକ ପାର୍ବତ୍ୟାଞ୍ଚଳ,ଏଠାରୁ ବଡ଼ଚଣା ଗୋଷ୍ଠୀ କେନ୍ଦ୍ର ପ୍ରାୟ ୨୦ କିମିରୁ ଅଧିକ ହେବ ,ଯଦିବା ନିକଟରେ ବାଉଁଶମୂଳୀ ରେ ଏକ ପ୍ରାଥମିକ ସ୍ୱାସ୍ଥକେନ୍ଦ୍ର ରହିଅଛି ମାତ୍ର ବାଉଁଶମୂଳୀରେ ସର୍ବଦା ଡାକ୍ତର ରହୁନଥିବାରୁ ନିକଟବର୍ତ୍ତୀ ଅଞ୍ଚଳ ଜନସାଧରଣଙ୍କ ସାହାଭରଷା ହେଉଛନ୍ତି କୃଷ୍ଣଚନ୍ଦ୍ର ରାୟ.ସେ ପୂର୍ବରୁ ବାଉଁଶମୂଳୀ ରେ ଥିବା ପ୍ରାଥମିକ ସ୍ୱାସ୍ଥକେନ୍ଦ୍ର ଓ କୋଲହାସିଂ ସ୍ୱାସ୍ଥ କେନ୍ଦ୍ରରେ କାର୍ଯ୍ୟକରୀ ଗରିବ ଜନସାଧାରଣଙ୍କ ବେଶ ପ୍ରିୟପାତ୍ର ହେଇପାରିଥିଲେ.ପ୍ରତିଦିନ ରୋଗୀଙ୍କୁ ଦେଖିବା ଦ୍ୱରା ନିକଟବର୍ତ୍ତୀ ଅଂଚଳରେ ଜନ୍ମହାର,ଶିଶୁ ମୃତ୍ୟୁହାର ଓ ଗର୍ଭାବର୍ତ୍ତୀ ମହିଳାଙ୍କ ସ୍ୱାସ୍ଥବସ୍ଥାରେ ବେଶ ଉନ୍ନତି ଦେଖାଯାଇଛି.କେବଳ ନିକଟବର୍ତ୍ତୀ ନୁହେଁ ପଡୋଶୀ ଢେଙ୍କାନାଳ ଜିଲ୍ଲାରୁ ମଧ୍ୟ ପ୍ରତିଦିନ ବହୁ ରୋଗୀ କୃଷ୍ଣଚନ୍ଦ୍ର ରାୟଙ୍କ ନିକଟକୁ ଆସିଥାନ୍ତି.ବର୍ତମାନ ସେ ପଡୋଶୀ ଢେଙ୍କାନାଳ ଜିଲ୍ଲାର ଖଜିଂରା ପ୍ରାଥମିକ ସ୍ୱାସ୍ଥକେନ୍ଦ୍ରରେ କାର୍ଯ୍ୟରତ.ଅବସର ପରେ ପୁରାଦିନ ବିନାମୁଲ୍ୟରେ ରୋଗୀସେବା କରିବେ ବୋଲି ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି.

# ବାବା ଭୈରବାନନ୍ଦ ସ୍ୱଂୟ ଶାସିତ ମହାବିଦ୍ୟାଳୟରେ ଖେଳ ପଡ଼ିଆର ଅଭାବ : ଛାତ୍ରଛାତ୍ରୀ ଅସନ୍ତୋଷ

ଚଣ୍ଡିଖୋଲ,(ପି.ଏନ୍):ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବାବା ଭୈରବାନନ୍ଦ ସ୍ୱଂୟ ଶାସିତ ମହାବିଦ୍ୟାଳୟ ଚଣ୍ଡିଖୋଲରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଖେଳ ପଡ଼ିଆ ଦେଖିବାକୁ ମିଳୁନଥିବାର ଜଣାପଡୁଛି । ଉକ୍ତ ମହାବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ଶ୍ରେଣୀମାନଙ୍କରେ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରିଥାନ୍ତି । ଏହି ମହାବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ ମଧ୍ୟ ଖେଳ ପଡ଼ିଆର ଅଭାବ ଦୃଷ୍ଟିରୁ ୟୁ.ଜି.ସି ପକ୍ଷରୁ ୨୦୧୪ ମସିହାରେ ୨୦ ଲକ୍ଷ ଅର୍ଥ ରାଶି ମଂଜୁର କରିଥିଲେ । ଖେଳ ପଡ଼ିଆ ନିର୍ମାଣ କରିବା ପାଇଁ ଉକ୍ତ ଖେଳ ପଡ଼ିଆକୁ କେନ୍ଦ୍ର ସରକାରଙ୍କ ସି.ପି.ଡ଼ବ୍ଲ୍ୟୁ.ଡ଼ି ବିଭାଗ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସି.ପି.ଡ଼ବ୍ଲ୍ୟୁ.ଡ଼ି ବିଭାଗ ଖେଳ ପଡ଼ିଆକୁ ସାମାନ୍ୟ କିଛି କାର୍ଯ୍ୟ କରାଇ ସମସ୍ତ ବିଲ୍ ପାସ୍ କରାଇ ସଂପୃକ୍ତ ଠିକାଦାର ଅର୍ଥରାଶି ଗ୍ରହଣ କରିଛନ୍ତି । ୟୁ.ଜି.ସି ପକ୍ଷରୁ ୟୁ.ସି ସାର୍ଟିଫିକେଟ୍ ମହାବିଦ୍ୟାଳୟକୁ ମଗାଯାଇଥିଲା । ସେ ସମୟର ମହାବିଦ୍ୟାଳୟର ଅଧ୍ୟକ୍ଷ ୨୧ ଲକ୍ଷ ଅର୍ଥରାଶିର ସାର୍ଟିଫିକେଟ୍ ୟୁ.ଜି.ସି କୁ ପ୍ରଦାନ କରିଥିଲେ । ପୁନଃରାୟ ମଧ୍ୟ ସେହି ଖେଳ ପଡ଼ିଆ କାର୍ଯ୍ୟ ପାଇଁ ୟୁ.ସି ସାର୍ଟିଫିକେଟ୍ ମଗେଇଥିବାରୁ ମହାବିଦ୍ୟାଳୟ ପକ୍ଷରୁ ମଧ୍ୟ ସାର୍ଟିଫିକେଟ୍ ଦିଆଯାଇଥିଲା । ଖେଳ ପଡ଼ିଆର କାର୍ଯ୍ୟ ଦେଖିବା ପାଇଁ ୟୁ.ଜି.ସିର କାର୍ଯ୍ୟରତ ଅଧିକାରୀ ଓ ଉତ୍କଳ ବିଶ୍ୱ ବିଦ୍ୟାଳୟର ଜଣେ ଅଧିକାରୀ ଖେଳ ପଡ଼ିଆକୁ ଦେଖିଥିଲେ ଏବଂ ୟୁ.ଜି.ସି ଆଉ ଆର୍ଥିକ ଅନୁଦାନ ଦେଇ ପାରିବ ନାହିଁ ବୋଲି ମତ ପ୍ରକାଶ କରିଥିଲେ । ମହାବିଦ୍ୟାଳୟରେ ଥିବା ବାର୍ଷିକ କ୍ରୀଡ଼ା ଉତ୍ସବ, ଜାତୀୟ ସମର ଶିକ୍ଷାର୍ଥୀ ବାହାନୀ ପକ୍ଷରୁ ବିଭିନ୍ନ ଦିନରେ ହେଉଥିବା ପ୍ରଶିକ୍ଷଣ କାର୍ଯ୍ୟ ନିକଟରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଚଣ୍ଡିଖୋଲ ଖେଳ ପଡ଼ିଆରେ ହୋଇଥାଏ । ପ୍ରକାଶ ଥାଉକି ପୂର୍ବରୁ ମହାବିଦ୍ୟାଳୟର ପରିଚାଳନା କମିଟି, ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ଅନୁରୋଧ କ୍ରମେ ଜଣେ ବଦାନ୍ୟ ବ୍ୟକ୍ତି ସେହି ପଡ଼ିଆରେ ଜେସିବି ମେସିନ୍ ଲଗାଇ ପଥର ସଫାକରି ଓ ମାଟି ପକାଇ ସମାନ କରିଥିଲେ । ସି.ପି.ଡ଼ବ୍ଲ୍ୟୁ.ଡି ବିଭାଗ ନାମମାତ୍ର କାର୍ଯ୍ୟ ଠିକାଦାର ମାଧ୍ୟମରେ କରାଇ ୨୦ ଲକ୍ଷ ଅର୍ଥରାଶିକୁ ହରିଲୁଟ୍ କରିଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଅଛି । ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଆବଶ୍ୟକତା ଖେଳ ପଡ଼ିଆକୁ ତୁରନ୍ତ ନିର୍ମାଣ କରାଯିବା ପାଇଁ ଏ ଅଂଚଳର ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ମାନେ ଦୃଢ଼ଦାବୀ କରିଛନ୍ତି ।

# ଦେଶୀ ମହୁଲି ମଦ ସହିତ ୩ ଗିରଫ

ଢେଙ୍କିକୋଟ, (ପି.ଏନ): କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଆଜି ଘଟଗାଁ ଅବକାରୀ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ପରିଡା ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ମହୁଲିମଦ ସହିତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ତିନିଜଣଙ୍କ ଠାରୁ ମୋଟ ୪୩ଲିଟର ମଦ ଜବତ କରାଯାଇଥିବା ବେଳେ ସେମାନେ ହେଲେ କେତାଙ୍ଗ ଗ୍ରାମର ଦୁଷ୍ମନ୍ତ ମହାନ୍ତଙ୍କ ଠାରୁ ୮ଲିଟର, କୁସୁନପୁର ଗ୍ରାମର ଟୁଟୁ ମୁଣ୍ଡାଙ୍କ ଠାରୁ ୧୫ଲିଟର ଓ ବଡମସିଣାବିଲା ଗ୍ରାମର କୁଶ ମୁଣ୍ଡାଙ୍କ ଠାରୁ ୨୦ଲିଟର ମହୁଲି ମଦ ଜବତ କରାଯାଇଥିଲା । ଏହି ଚଢାଉରେ ଅବକାରୀ ଥାନା ଅଧିକାରୀଙ୍କ ସମେତ ଏ.ଏସ୍.ଆଇ. ରନ ପାତ୍ର, କନେଷ୍ଟବଳ ଲକ୍ଷ୍ମଣ ନାୟକ, ଯତୀନ୍ଦ୍ର ମହାନ୍ତ, ରେବତୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



# ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

ଯୋଡ଼ା,(ପି.ଏନ): କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅନ୍ତର୍ଗତ ୨ନଂ ୱାର୍ଡ ବନେଇକଳା ବସ୍ତି ଠାରେ ଯୋଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଶୁକ୍ରବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ଚମ୍ପୁଆ ବିଧାୟୀକା ମିନାକ୍ଷୀ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟନ କରିଥିବା ବେଳେ ଚମ୍ପୁଆ ଉପଜିଲ୍ଲାପାଳ ପ୍ରତାପ ପ୍ରତୀମୟ, କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅଶୋକ କୁମାର ଦାସ, ଯୋଡା ପୌରପାଳିକା ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ, ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ଲକ୍ଷ୍ମୀକାନ୍ତ ସିଂହ, କମାରଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଜଗଦୀଶ ପ୍ରସାଦ ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳକ ଦିଲ୍ଲୀପ କୁମାର ଦୁବେ, ରମାଦେବୀ ଗ୍ରାମ୍ୟ ବିକାଶ ସଂଗଠନର ସମ୍ପାଦକ ମନୋଜ କୁମାର ପରିଡା, ପୂର୍ବତନ ଯୋଡା ବ୍ଲକ ଅଧ୍ୟକ୍ଷ କବୀନ୍ଦ୍ର ନାଏକ, ପୂର୍ବତନ ଯୋଡା ନଗରପାଳ ରବୀନ୍ଦ୍ର କୁମାର ଦାସ, ଯୋଡା ଟ୍ରକ ଓନର ଆସୋସିଏସନ୍ ସମ୍ପାଦକ ସୁଶାନ୍ତ କୁମାର ବାରିକଙ୍କ ସମେତ ଅନ୍ୟମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବରେ ଯୋଗଦାନ କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ସହର ତଳି ଅଂଚଳରେ ଉନ୍ନତ ଧରଣର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇଛି । ଏହି କେନ୍ଦ୍ରଟି ସକାଳ ୮ଟାରୁ ୧୧ଟା ଏବଂ ସନ୍ଧ୍ୟା ୫ଟାରୁ ରାତ୍ର ୮ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ସୂଚନା ମିଳିଛି । ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରଙ୍କ ପକ୍ଷରୁ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ଲାବ୍ରୋଟୋରୀ ଟେକ୍ନିସିଆନ୍, ୨ଜଣ ଷ୍ଟାପ୍ ନର୍ସ, ଜଣେ ଡାଟା ଏଣ୍ଟ୍ରି ଅପରେଟର, ୨ଜଣ ସହଯୋଗି କର୍ମଚାରୀଙ୍କୁ ନିଯୁକ୍ତି କରାଯାଇଛି । ଏହାର ପରିଚାଳନା ଦାୟୀତ୍ୱରେ ରମାଦେବୀ ଗ୍ରାମ୍ୟ ବିକାଶ ସଂଗଠନକୁ ପରିଚାଳନା ଦାୟୀତ୍ୱ ପ୍ରଦାନ କରାଯାଇଛି । ସରକାରଙ୍କ ପକ୍ଷରୁ ନିଜସ୍ୱ ଘର ନଥିବାରୁ ଏକ ଭଡାଘରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଆଜିଠାରୁ ଆରମ୍ଭ କରାଯାଇଛି । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ଦାସ କହିଥିଲେ ସରକାରଙ୍କ ପକ୍ଷରୁ କେନ୍ଦୁଝର ଜିଲ୍ଲାର ଯୋଡା ଓ ବଡବିଲର ନାଲଦା ଠାରେ ଦୁଇଟି ସହରାଞ୍ଚଳ ପ୍ରାଥମିକ ଚିକିତ୍ସାଳୟ ଖୋଲିବା ପାଇଁ ସରକାର ମୁର କରିଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ଯୋଡାର ବନେଇକଳା ଠାରେ ଏହା ଆରମ୍ଭ କରାଯାଇ ଉଦ୍‌ଘାଟନ କରାଯାଇଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray